୬ ୩୦ ରନ୍‌ରେ ଭାରତକୁ ହରାଇଲା ଦକ୍ଷିଣ ଆଫ୍ରିକା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୮୯ ● ୧୭ ନଭେମ୍ବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-289 ● 17th November 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




# ବିହାରରେ ନୂତନ ଏନଡିଏ ସରକାର ଗଠନ ପ୍ରକ୍ରିୟା ଆରମ୍ଭ

**ପାଟନା, ୧୬।୧୧**

ବିହାର ବିଧାନସଭା ନିର୍ବାଚନରେ ପ୍ରଭାବଶାଳୀ ପ୍ରଦର୍ଶନ ପରେ ନୂତନ ଏନ୍‌ଡିଏ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଜେପି ଏବଂ ଜେଡିୟୁ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ସରକାର ଗଠନ ଆଲୋଚନା ଶେଷ ହୋଇଛି । କ୍ୟାବିନେଟ ଗଠନ ଏବଂ ସାଂଗଠନିକ ଦଳଗୁଡ଼ିକର ଅଂଶଧନ ପାଇଁ ଫର୍ମୁଲା ଚୂଡ଼ାନ୍ତ ହୋଇଛି । ଛଅ ଜଣ ବିଧାୟକଙ୍କ ପାଇଁ ଗୋଟିଏ ମନ୍ତ୍ରୀପଦର ଫର୍ମୁଲା କାର୍ଯ୍ୟକାରୀ ହୋଇପାରେ ।



- ଆଜି ଜେଡିୟୁ ବିଧାୟକ ଦଳ ବୈଠକ
- ୧୯ କିମ୍ବା ୨୦ରେ ଶପଥ ଗ୍ରହଣ

ବିଜେପି କେନ୍ଦ୍ରୀୟ ନେତାମାନଙ୍କ ସହିତ ଆଲୋଚନା ସମାପ୍ତ କରିବା ପରେ, ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀ ସଭାପତି ସଞ୍ଜୟ କୁମାର ଝା ରବିବାର ପାଟନା ଫେରିଆସିଛନ୍ତି । ସେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ସାକ୍ଷାତ କରିଛନ୍ତି । ସଞ୍ଜୟ କୁମାର ଝା ଜେଡିୟୁ ବିଧାୟକ ଦଳ ବୈଠକ ଏବଂ ଏନ୍‌ଡିଏ ବିଧାୟକ ଦଳ ବୈଠକ ପାଇଁ ପ୍ରସ୍ତୁତିକୁ ଆଗକୁ ବଢାଇବେ ।

ବିହାରରେ ନୂତନ ସରକାର ଗଠନ ଏବଂ ମେଣ୍ଟ ସରକାରରେ ଅଂଶୀଦାରଙ୍କ ଅଂଶଧନ ପାଇଁ ଫର୍ମୁଲା ଚୂଡ଼ାନ୍ତ ହୋଇଛି । ନୀତୀଶ କୁମାରଙ୍କ ଜନତା ଦଳ ୟୁନାଇଟେଡ(ଜେଡିୟୁ) ଦଳ ଆସନ୍ତାକାଲି ବିଧାୟକ ଦଳ ବୈଠକ ଡାକିଛନ୍ତି । ବୈଠକରେ ବିଧାୟକ ଦଳ ନେତା ନିର୍ବାଚିତ ହେବେ । ଛଅ ଜଣ ବିଧାୟକଙ୍କ ପାଇଁ ଜଣେ ମନ୍ତ୍ରୀଙ୍କ ଫର୍ମୁଲା କାର୍ଯ୍ୟକାରୀ ହୋଇପାରେ । ଅର୍ଥାତ୍ ମେଣ୍ଟ ଏଥର ସରକାରରେ ସମସ୍ତ ଦଳକୁ ସାମିଲ କରିବାକୁ ଚାହୁଁଛି ।

ଆସନ୍ତା ୨୨ରେ ବର୍ତ୍ତମାନ ବିହାର ସରକାରଙ୍କ ଶେଷ ଦିନ ରହିଛି । ଏହା ପୂର୍ବରୁ ୧୮ ତାରିଖ *(ପୃଷ୍ଠା ୭ରେ)*



ରାଉରକେଲାରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଲୋକଙ୍କ ସହିତ ମିଶିବା ସହ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି ।

## ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯିବା ବାଧ୍ୟତାମୂଳକ

**କଟକ, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯିବ । ଏ ସଂକ୍ରାନ୍ତରେ ଅଟକ/ଗିରଫ ବ୍ୟକ୍ତି ବୁଝିପାରୁଥିବା ଭାଷା ଓ ପଢ଼ି ପାରୁଥିବା ଲିପିରେ ଜଣାଇବାକୁ ଗିରଫ କରୁଥିବା



ଅଧିକାରୀ ବାଧ୍ୟ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଏଥି ସହିତ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅଭିଯୁକ୍ତଙ୍କୁ ଅବଗତ କରାଯାଇ ନ ଥିବା ଘଟଣା ସ୍ପଷ୍ଟ ହେବା ପରେ ହାଇକୋର୍ଟ ଏକ ହତ୍ୟା ଅଭିଯୋଗ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଜାମିନ ମଞ୍ଜୁର କରିଛନ୍ତି । ଗିରଫଦାରୀର ଆଧାର ସଂକ୍ରାନ୍ତରେ ନିୟମ ଅନୁସାରେ ଅବଗତ କରାଯାଇ ନ ଥିବାରୁ ଆବେଦନକାରୀଙ୍କ ଗିରଫ ତ୍ରୁଟିପୂର୍ଣ୍ଣ । ଫଳସ୍ୱରୂପ ପରବର୍ତ୍ତୀ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଯୋଗୀ ଆଦିତ୍ୟନାଥ ନୂଆଦିଲ୍ଲୀର ଭାରତ ଅନ୍ତର୍ଜାତୀୟ ବ୍ୟବସାୟ ମେଳା ପରିଦର୍ଶନ କରିବେ ।
- ଦଶବର୍ଷ ପୂର୍ଣ୍ଣ କଲା "ଅମୃତ" ଔଷଧ ଯୋଜନା : ନୂତନ କେନ୍ଦ୍ର ଆରମ୍ଭ ।
- ପ୍ରଧାନମନ୍ତ୍ରୀ ଗୁଜରାଟରେ ଜନଜାତି ଅଞ୍ଚଳ ପାଇଁ ୯୦,୭୦୦ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ ।
- ଜନଜାତୀୟ ଗୌରବ ଦିବସରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ ।
- "ଅମୃତ" ଯୋଜନା ଦ୍ୱାରା ଲୋକମାନେ ୮୫୦୦ କୋଟି ଟଙ୍କାର ଲାଭ ପାଇଛନ୍ତି ।
- ଦେଶରେ ନୂଆ ଜନଜାତୀୟ କଲ୍ୟାଣ ଯୋଜନା ଆରମ୍ଭ ।
- ବାଲେଶ୍ୱରରେ ମାଇକ୍ରୋ–ଫାଇନାନ୍ସ ଟଙ୍କା ଛଡାଇନେବା ମାମଲାରେ ଅଭିଯୁକ୍ତ ଧରାପଡ଼ିଲା ।
- ଇସ୍ରୋ କରୁଛି ବଡ଼ ପ୍ରସ୍ତୁତି, ମହାକାଶ ଯାନର ନିର୍ମାଣ ହେବ ତିନି ଗୁଣା, ଏବେ ଚନ୍ଦ୍ରଯାନ-୪ କରିବ କମାଲ ।
- ଏକ୍ସାଇଜ ମହିଳା ସହକର୍ମୀମାନଙ୍କ ଉପରେ ଉତ୍ପୀଡ଼ନ ଅଭିଯୋଗ ଦାଖଲ ।

## ଦିଲ୍ଲୀ ବିସ୍ଫୋରଣ ଘଟଣା : ଜୈଶ-ଏ-ମହମ୍ମଦ ସହିତ ଜଡିତ ଥିଲେ ଆତଙ୍କବାଦୀ ଡାକ୍ତର

**ନୂଆଦିଲ୍ଲୀ, ୧୬।୧୧**

ଦିଲ୍ଲୀ ବିସ୍ଫୋରଣ ଘଟଣାର ତଦନ୍ତରେ ଗୋଟିଏ ପରେ ଗୋଟିଏ ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ସାମ୍ନାକୁ ଆସୁଛି । ଘଟଣାରେ ସଂପୃକ୍ତ ଡାକ୍ତର ଶାହିନ ୧୦ ବର୍ଷ ଧରି ଜୈଶ-ଏ-ମହମ୍ମଦ ସହିତ ଜଡିତ ଥିବା କହିଛି ତଦନ୍ତକାରୀ ଦଳ । ଏପରିକି ସେତେବେଳେ ଚାକିରି ଛାଡିବାସହ ନିଜ ସ୍ୱାମୀ ଏବଂ ପିଲାଙ୍କୁ ମଧ୍ୟ ଛାଡ଼ିଥିଲେ ।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ମାମଲାର ତଦନ୍ତ କରୁଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) । ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ଦେଇଥିବା ସୂଚନା ଅନୁସାରେ, ଦିଲ୍ଲୀ ବିସ୍ଫୋରଣ ଘଟାଇଥିବା ଆତଙ୍କବାଦୀ ଡାକ୍ତର ଉମର, ଡାକ୍ତର ଶାହିନ ଏବଂ ତାଙ୍କ ସହଯୋଗୀ ଡାକ୍ତର ମୁଜାମ୍ମିଲ ଫରିଦାବାଦର ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ କାମ କରୁଥିଲେ । ଲକ୍ଷ୍ନୌରେ ରହୁଥିବା ଆତଙ୍କବାଦୀ ଡାକ୍ତର ଶାହିନ ସଇଦ ୧୦ ବର୍ଷ ଧରି ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ ସହିତ ଜଡିତ



ଥିଲେ । ଶାହିନ ୨୦୧୫ ମସିହାରେ ଜୈଶ-ଏ-ମହମ୍ମଦରେ ଯୋଗ ଦେଇଥିଲେ ।

ଏଥିପାଇଁ ସେ ଚାକିରୀ ସହ ନିଜ ସ୍ୱାମୀ ଏବଂ ପିଲାଙ୍କୁ ମଧ୍ୟ ଛାଡ଼ିଥିଲେ । ୨୦୨୧ ମସିହାରେ, ଯେତେବେଳେ ଜଣେ ସମ୍ପର୍କୀୟ ଡାକ୍ତର ଶାହିନଙ୍କୁ ତାଙ୍କ ସ୍ୱାମୀ, ପିଲା ଏବଂ ଚାକିରି ଛାଡିବା ପାଇଁ ଭର୍ତ୍ସନା କରିଥିଲେ । ଶାହିନ ଜବାବ ଦେଇଥିଲେ, "ପରିବାର ଏବଂ ଚାକିରିର ଅର୍ଥ କ'ଣ ? ମୁଁ ନିଜ ପାଇଁ ଯଥେଷ୍ଟ । ଏବେ ସମ୍ପ୍ରଦାୟକୁ ଋଣ ପରିଶୋଧ କରିବାର ସମୟ ଆସିଛି ।" ତଦନ୍ତକାରୀ ସଂସ୍ଥାଗୁଡ଼ିକ ଉମର, ମୁଜାମ୍ମିଲ ଏବଂ ଶାହିନଙ୍କୁ ମିଳିଥିବା ୨୦ ଲକ୍ଷ ଟଙ୍କାର ପାଣ୍ଠିର ପର୍ଦ୍ଦାଫାଶ କରିଛନ୍ତି । ସୂଚନା ଅନୁସାରେ ଏହି ଟଙ୍କା ଜୈଶ-ଏ-ମହମ୍ମଦ ହ୍ୟାଣ୍ଡେଲ ମାଧ୍ୟମରେ ହାୱାଲା ନେଟୱାର୍କ ମାଧ୍ୟମରେ ପଠାଯାଇଥିଲା । ନଭେମ୍ବର ୧୦ ତାରିଖରେ ଦିଲ୍ଲୀର ସୁଭାଷ ମାର୍ଗ ସିଗନାଲରେ *(ପୃଷ୍ଠା ୭ରେ)*

### ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

## ମନ୍ଦିରର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱବ୍ୟାପୀ କରାଯିବ

**କେନ୍ଦ୍ରାପଡା, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି । ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି । ଏହି କ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ *(ପୃଷ୍ଠା ୭ରେ)*



## ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିହତ

**ସୁକମା, ୧୬।୧୧**

ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୩ଜଣ ମାଓବାଦୀ । ଘଟଣାସ୍ଥଳରୁ ତିନୋଟି ବନ୍ଧୁକ ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ଛତିଶଗଡ ସୁକମା ଚିନ୍ତାଗୁଫା ଜଙ୍ଗଲରେ ଏକତ୍ରିତ ହୋଇ ସୁରକ୍ଷାକର୍ମୀଙ୍କୁ ନିଶାନା କରିବାକୁ ଯୋଜନା କରୁଥିଲେ ମାଓବାଦୀ । ଏହି ଖବର ପାଇବା ପରେ ଡିଆରଜି ଓ ସିଆରପିଏଫ୍ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ଧରି ଗୁଳି ବିନିମୟ ହୋଇଥିଲା । ଏହା ପରେ ନକ୍ସଲମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ ଜୋରଦାର ହୋଇଥିବା ସୁକମା ଏସପି ସୂଚନା ଦେଇଛନ୍ତି ।

### ଦୁଇ ଦୁର୍ଦ୍ଧାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

**ଫୁଲବାଣୀ, ୧୬।୧୧ : ନ୍ୟୁଜ୍ ବ୍ୟୁରୋ**

ଆତ୍ମସମର୍ପଣ କଲେ ଦୁଇ ମାଓବାଦୀ । କନ୍ଧମାଳ ଏସ୍‌ପିଙ୍କ ଅଫିସରେ ଦକ୍ଷିଣାଞ୍ଚଳ ଆଇଜିଙ୍କ ଉପସ୍ଥିତିରେ ଉଭୟ ଆତ୍ମସମର୍ପଣ କରିଛନ୍ତି । ଦୁଇ ମାଓବାଦୀ ଛତିଶଗଡର ଉନଗା କାଲମୁ ଏବଂ ମାସେ ମାଡଭି ବୋଲି ଜଣାପଡିଛି । ଉଭୟେ ସ୍ୱାମୀ ଏବଂ ସ୍ତ୍ରୀ ହୋଇଥିବା ବେଳେ ୨୦୧୮ ମସିହାରୁ ସିପିଆଇ ମାଓବାଦୀ ସଂଗଠନରେ କାମ କରୁଥିଲେ ।

## ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

ବ୍ୟାଡମିଣ୍ଟନ ଜଗତର ଅନନ୍ୟ ପ୍ରତିଭା ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ରବିବାର ଚଳିତ ବର୍ଷର ୩୩ତମ ଏକଲବ୍ୟ ପୁରସ୍କାର ଭୁବନେଶ୍ୱରର ମେଫେୟାର କନଭେନସନ ଠାରେ ପ୍ରଦାନ କରାଯାଇଛି । ତାଙ୍କୁ ଟ୍ରଫି ସହିତ ୭ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଉପ ବିଜେତା ଭାରୋତ୍ତୋଳକ ପ୍ରୀତିସ୍ମିତା ଭୋଇ ଏବଂ ଟେନିସ୍ ଖେଳାଳି ଆହାନଙ୍କୁ ମଧ୍ୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା । ମାନପତ୍ର ବ୍ୟତୀତ, ପୁରସ୍କାର ପ୍ରଦାନ ଉତ୍ସବରେ



ସେମାନଙ୍କୁ ୧.୫ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବରେ ଏବଂ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଆଇପିଏସ୍ (ଅବସରପ୍ରାପ୍ତ) ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏକଲବ୍ୟ ପୁରସ୍କାର କମିଟି-୨୦୨୫ର *(ପୃଷ୍ଠା ୭ରେ)*

## ସଡ଼କ ଦୁର୍ଘଟଣା : ୩ ମୃତ

**ପରଜଙ୍ଗ, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

୧୪୯ ନମ୍ବର ଜାତୀୟ ରାଜପଥର କୁଲେଇ ଛକ ନିକଟରେ ଶନିବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡି ଧକ୍କାରେ ବାଇକରେ ଯାଉଥିବା ୩ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ରାସ୍ତାରୋକ କରିବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ସହିତ ରାସ୍ତାରେ ଆଲୋକ ବ୍ୟବସ୍ଥା କରିବାକୁ ଦାବି କରିଥିଲେ । ପ୍ରାୟ ଏକ ଘଣ୍ଟା ପରେ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୫୦୮ (+୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୬୫ (+୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୩୮୧ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୭୫ (+୦)

## ଏକାଳ ପଖାଳ



ଥରୁଛି ଏଇନା ଶୀତରେ ଭାଇନା
ରାଇଜରେ ପୁରା ଜାଡ
ସକାଳୁ ନିଦ ଶେଯ ଛାଡୁନାହିଁ
ଚାହା କପଟା ଯେ ବଡ
ନାକ ପୁଡା ସଡସଡ଼
ନିଆଁ ପୁଆଁ ଯୁଗ ମିଳେଇଗଲାଣି
ରୁମ୍ ହିଟରର ଏବେ ଗଡ ।

## ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଆଶ୍ୱସ୍ତି, ଜରିମାନା ୫୦% ହ୍ରାସ କଲେ ଓଡ଼ିଶା ସରକାର



**ଭୁବନେଶ୍ୱର, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ଯାନବାହନ ମାଲିକ ଓ ଚାଳକମାନଙ୍କ ପାଇଁ ଓଡ଼ିଶା ସରକାର ଏକ ବଡ଼ ରିହାତି ଘୋଷଣା କରିଛନ୍ତି । ମୋଟର ଯାନ ଆଇନ୍, ୧୯୮୮ ଅନୁଯାୟୀ କିଛି ନିର୍ଦ୍ଦିଷ୍ଟ ଉଲ୍ଲଂଘନ କ୍ଷେତ୍ରରେ ପଡ଼ି ରହିଥିବା ଜରିମାନା ରାଶିକୁ ହ୍ରାସ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ।

ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ଏକ ନୂତନ ବିଜ୍ଞପ୍ତି ଅନୁଯାୟୀ, ଅପରାଧୀମାନେ ନିର୍ଦ୍ଦିଷ୍ଟ ଉଲ୍ଲଂଘନ ପାଇଁ କମ୍ପାଉଣ୍ଡିଂ ଫି' ଦେଇ ଚାଲାଣଗୁଡ଼ିକୁ ସମାଧାନ କରିପାରିବେ । ଏହି ନିଷ୍ପତ୍ତି ପଡ଼ିରହିଥିବା ଟ୍ରାଫିକ୍ ଚାଲାଣର ବାକି ପରିମାଣକୁ କମାଇବା ଏବଂ ସ୍ୱେଚ୍ଛାକୃତ ଭାବେ ନିୟମ ପାଳନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ନିଆଯାଇଛି ।

ଏମ୍‌ଭି ଆଇନର ଧାରା ୧୯୨-ଇ ଅନୁଯାୟୀ, ପରମିଟ୍ ବିନା ଗାଡି ଚଳାଇଲେ ପୂର୍ବରୁ ୧୦,୦୦୦ ଟଙ୍କା ପରିବର୍ତ୍ତେ ଏବେ ୫,୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ । ଧାରା ୧୯୪ (୧) ଅନୁଯାୟୀ, ଅନୁମତିପ୍ରାପ୍ତ ଓଜନଠାରୁ ଅଧିକ ବୋଝ ସହିତ ଗାଡି ଚଳାଇଲେ ୨୦,୦୦୦ ଟଙ୍କା ବଦଳରେ ୧୦,୦୦୦ ଟଙ୍କା ଏବଂ ପ୍ରତି ଟନ୍ ଅଧିକ ବୋଝ ପାଇଁ ୨,୦୦୦ ଟଙ୍କା ବଦଳରେ ୧,୦୦୦ ଟଙ୍କା ଜରିମାନା *(ପୃଷ୍ଠା ୭ରେ)*

## ଘୁ.ଉଦୟଗିରିରେ ହାଡ଼ଭଙ୍ଗା ଶୀତ, ଜନଜୀବନ ଅସ୍ତବ୍ୟସ୍ତ

**ଘୁ.ଉଦୟଗିରି, ୧୬।୧୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରିରେ ପାରଦ ଦିନକୁ ଦିନ ନିମ୍ନମୁଖୀ ହେବାରେ ଲାଗିଛି । ତାପମାତ୍ରା ପାରା ନିମ୍ନମୁଖୀ ହେବା ସହ ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଅଞ୍ଚଳ । ଜାଡ଼ରେ କମ୍ପୁଛି ସାରା ସହର । ଓଡ଼ିଶାର ସବୁଠାରୁ କମ ତାପମାତ୍ରା ଏବଂ ଥଣ୍ଡା ସହର ଭାବେ ଘୁ.ଉଦୟଗିରି ଚିହ୍ନଟ ହେବା ସହ ଅଞ୍ଚଳରେ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି । ସଞ୍ଜ ନଇଁଲେ ସହରର ରାସ୍ତାଘାଟ ଜନଶୂନ୍ୟ ହେବା ସହ ସଡ଼କ ଶୁନସାନ ହେବାରେ ଲାଗିଛି । ରାତି ଗଡ଼ିଲେ କୁହୁଡି କାୟାବିସ୍ତାର କରିବା ସହ ସାରା ଅଞ୍ଚଳ କୁହୁଡ଼ିର ଚାଦର ତଳେ ବିଛେଇ ହୋଇ ରହିବାର ଭ୍ରମ ସୃଷ୍ଟି ହେଉଛି ।

ରାତି ବଢିଲେ ଶୀତ ବଢ଼ିବାରେ ଲାଗୁଛି । ଦିନରେ ଥଣ୍ଡାର ପ୍ରକୋପ ଅନୁଭବ ହେଉଥିବା ବେଳେ ରାତିରେ ଏହା ଆହୁରି ବୃଦ୍ଧି ପାଇ ବିନା ଗରମ ପୋଷାକ ହେଉ କି ବିନା ନିଆଁରେ ରହିବା କଷ୍ଟ ହୋଇପଡିଛି । ଗରିବ ଲୋକେ ପ୍ରବଳ ଶୀତ ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି । ସ୍ଥାନୀୟ ସହରରେ ରବିବାରର ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ କରାଯାଇଥିବା ସ୍ଥାନୀୟ ଏଏମଏଫୟୁ ସେଣ୍ଟର ପକ୍ଷରୁ ସୂଚନା ମିଳିଛି । *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ନଭେମ୍ବର ୨୦୨୫ ସୋମବାର





# ବଢ଼ୁଛି ବ୍ୟାଙ୍କ ସାଇବର ଠକେଇ: ପଶ୍ଚିମବଙ୍ଗରୁ ଦୁଇ ସାଇବର ଠକ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦିନକୁ ଦିନ ବ୍ୟାଙ୍କ ସାଇବର ଠକେଇ ବଢ଼ିବାରେ ଲାଗିଛି। କାହାକୁ କ୍ରେଡିଟ୍‌କାର୍ଡ ଦେବାକୁ କହି ତ କାହାର କେୱାଇସି, ପୁଣି କାହାର ୟୋନୋ ଅପ୍‌ଡେଟ୍ କରିବାକୁ କହୁଛନ୍ତି। ଯୁବତୀଙ୍କ ସ୍ୱରରେ କଲ୍ କରି ଫସାଇବା ପରେ ତଥ୍ୟ ନେବା ଆଳରେ ଆକାଉଣ୍ଟରୁ ସର୍ବସ୍ୱ ଲୁଟୁଛନ୍ତି। ଗତ କିଛିଦିନ ମଧ୍ୟରେ ସାଇବର ଲୁଟେରା ରାଜଧାନୀର ଦୁଇଜଣ ବ୍ୟକ୍ତିଙ୍କୁ ବ୍ୟାଙ୍କ କର୍ମଚାରୀର ପରିଚୟ ଦେଇ ଅପ୍‌ଡେଟ୍ ନାଁରେ ସାଢ଼େ ୧୦ଲକ୍ଷ ଟଙ୍କା ଲୁଟିଛନ୍ତି। ସାଇବର ଥାନା ପୁଲିସ ପଶ୍ଚିମବଙ୍ଗ କୋଲକାତା ସିଅଲ ଲେନ୍‌ର ଆୟନ ଦେ(୨୧) ଓ ହାୱଡ଼ା ଅଞ୍ଚଳର ମହମ୍ମଦ ହୁସେନ୍(୨୦)କୁ ଗିରଫ କରିବା ପରେ ଏହାର ଗୁମର ଫିଟିଛି। ପୁଲିସ ସେମାନଙ୍କ ନିକଟରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ସୂଚନା ମୁତାବକ, ଗତ ଏପ୍ରିଲ୍ ୧ ତାରିଖରେ ଚନ୍ଦ୍ରଶେଖରପୁର ଅଞ୍ଚଳର ବିଦ୍ୟୁତ୍ ପରିଡ଼ାଙ୍କ ହ୍ୱାଟସ୍ ଆପ୍‌କୁ ମେସେଜ୍ ଆସିଥିଲା। ଯେଉଁଥିରେ ତାଙ୍କର କ୍ରେଡିଟ୍‌କାର୍ଡ ମିଳିବା ନେଇ ଲେଖାଥିଲା। ଏହାର କିଛି ସମୟ ପରେ ହଠାତ୍ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। ଯୁବତୀଙ୍କ ସ୍ୱରରେ ସାଇବର ଠକ ଫୋନ୍ କରି କହିଥିଲେ ଯେ 'ସାର, ଅପାଣଙ୍କର ସିବିଲ୍ ସ୍କୋର ବହୁତ ଭଲ ଅଛି। କ୍ରେଡିଟ୍‌କାର୍ଡ ପ୍ରି ଆପ୍ରୁଭଡ୍ ଅଛି। ହେଲେ କିଛି ଅନ୍‌ଲାଇନ୍ ଫର୍ମ ଫିଲ୍‌ଅପ୍ କରିବାକୁ ହେବ। ଏହାର ଏକ ଲିଙ୍କ୍ ହ୍ୱାଟ୍‌ଆପ୍‌ରେ ପଠାଉଛି।' ଏହାପରେ ସାଇବର ଠକ ବିଦ୍ୟୁତଙ୍କ ହ୍ୱାଟ୍‌ସକୁ ଲିଙ୍କ୍ ପଠାଇଥିଲା। ସେ ଲିଙ୍କରେ କ୍ଲିକ୍ କରିବା ପରେ ଠକ ଗୋଟିଏ ପରେ ଗୋଟିଏ ତଥ୍ୟ ହାତେଇଥିଲା। କିଛି ସମୟ ପରେ ବିଦ୍ୟୁତ୍‌ଙ୍କ ଆକାଉଣ୍ଟ୍‌ରୁ ୪ଟି କାରବାରରେ ପାଖାପାଖି ସାଢ଼େ ୬ଲକ୍ଷ ଟଙ୍କା କଟିଯାଇଥିଲା। ବିଦ୍ୟୁତ୍ ସମ୍ପୃକ୍ତ ନମ୍ବରକୁ କଲ୍ କରିଥିଲେ ବି ସେ ଆଉ ଉଠାଇନଥିଲେ। ଠକାମିର ଶିକାର ହେବା ଜାଣିବା ପରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗତ ଅଗଷ୍ଟ ୨୩ ତାରିଖରେ ସୁନ୍ଦରପଦା ଅଞ୍ଚଳର ଋଷି ପଟ୍ଟନାୟକଙ୍କ ପତ୍ନୀ ୟୋନୋ ଆପ୍ ଅପ୍‌ଡେଟ୍ କରୁଥିବା ସମୟରେ ସମସ୍ୟା ଯୋଗୁ ଗ୍ରାହକ ସେବାକେନ୍ଦ୍ରକୁ ଫୋନ୍ କରିଥିଲେ। ଗ୍ରାହକ ସେବାକେନ୍ଦ୍ର ପ୍ରତିନିଧିଙ୍କ କହିବା ମୁତାବକ ଋଷିଙ୍କ ପତ୍ନୀ ତଥ୍ୟ ପ୍ରଦାନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କ ଆକାଉଣ୍ଟରୁ ୪ଲକ୍ଷ ଟଙ୍କା କଟିଯାଇଥିଲା। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଦୁଇଟି ମାମଲାରେ ସାଇବର ଥାନା ପୁଲିସ ତଦନ୍ତ ବେଳେ ସାଇବର ଠକଙ୍କୁ ଚିହ୍ନଟ କରିଥିଲା। ଗତକାଲି ରାତିରେ ପୁଲିସ ପଶ୍ଚିମବଙ୍ଗସ୍ଥିତ ଦୁଇ ଠକଙ୍କ ଘରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# କଟକରେ କାୟା ମେଲାଇଲାଣି ଜଣ୍ଡିସ୍ : ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**କଟକ, ନ୍ୟୁଜ ବ୍ୟୁରୋ**

ସିଲଭରସିଟି କଟକରେ ଜଣ୍ଡିସ ଆତଙ୍କ। କଟକ କଦମ-ଏ-ରସୁଲ ଗଳିରେ ଥିବା ବ୍ରାହ୍ମଣ ସାହିରେ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବିଶେଷକରି ଛୋଟ ଛୋଟ ପିଲାମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ୧୫ରୁ ଅଧିକ ଜଣ୍ଡିସ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଦୂଷିତ ପାଣି ପାଇଁ ଏପରି ସମସ୍ୟା ଉପୁଜିଥିବା କୁହାଯାଇଛି । ସିଏମସି ସ୍ୱାସ୍ଥ୍ୟ ବିଭାଗ ଟିମ୍ ୱାର୍ଡକୁ ଯାଇ ଲୋକମାନଙ୍କୁ ସଚେତନ କରିବା ସହ ପାଣି ଏବଂ ରକ୍ତର ନମୁନା ସଂଗ୍ରହ କରିଛି । ତେବେ ଜଣ୍ଡିସ ଆକ୍ରାନ୍ତ ବୃଦ୍ଧିକୁ ନେଇ ଭୟଭୀତ ହୋଇ ପଡିଛନ୍ତି ସ୍ଥାନୀୟ ବାସିନ୍ଦା । ଅପରିଷ୍କାର ପାଣି, ଡ୍ରେନ୍ ସଫାରେ ଅବହେଳା ଯୋଗୁଁ ଜଣ୍ଡିସ ବ୍ୟାପୁଥିବା ଅଭିଯୋଗ



ଆଣିଛନ୍ତି ସ୍ଥାନୀୟ ବାସିନ୍ଦା । ଅନ୍ୟପଟେ ସ୍ଥାନୀୟ କର୍ପୋରେଟର କହିଛନ୍ତି କିଛି ଲୋକ ଜଣ୍ଡିସରେ ଆକ୍ରାନ୍ତ ହେବା ପରେ ଝଡାଫୁଙ୍କା କରିବାରୁ ସ୍ଥିତି ବିଗିଡିଛି । କଟକ ମହାନଗର ନିଗମର ୨୩ନଂ ୱାର୍ଡ କଦମ-ଏ-ରସୁଲ ବ୍ରାହ୍ମଣ ସାହିରେ ୧୫ ରୁ ଉର୍ଦ୍ଧ୍ୱ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି ।ସେମାନଙ୍କ ମଧ୍ୟରୁ ଅନେକ ଛୋଟ ଛୋଟ ପିଲା ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ ପ୍ରାୟ ଏକ ମାସ ହେବ ସେମାନଙ୍କ ପାଇପରେ ଦୂଷିତ ଗୋଳିଆ ପାଣି ଆସୁଥିଲା । ଏନେଇ ଅଭଯୋଗ ପରେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରି ନଥିଲେ । ଏହି ପାଣି ପିଇବା ପରେ ସାହିର କିଛି ଛୋଟ ଛୋଟ ପିଲାଙ୍କର ଝାଡା, ବାନ୍ତି ହୋଇଥିଲା । ଆଖି ହଳଦିଆ ହୋଇଗଲା । ତେବେ ଏହା ଜଣ୍ଡିସର ଲକ୍ଷଣ ଜାଣିବା ପରେ ଭୟ ଲାଗିଥିଲା । କିଛି କିଛି ସ୍ଥାନରେ ପାଇପ ଫାଟି ଯାଇ ସେଥିରେ ନର୍ଦ୍ଦମା ପାଣି ମିଶି ଥିବାରୁ ଏପରି ଅସୁବିଧା ହୋଇଥିଲା । ପରେ ସାହିର ଅନେକ ଲୋକ ଏହାଦ୍ୱରା ଆକ୍ରାନ୍ତ ହୋଇ ସାରିଲେଣି । ଅନ୍ୟପଟେ ସାହିରେ ଜଣ୍ଡିସ ବ୍ୟାପିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସ୍ଥାନୀୟ କର୍ପୋରେଟର । ଅରୁନ୍ଧତି କର କହିଛନ୍ତି, 'ଜଣ୍ଡିସ ବ୍ୟାପିବା ଖବର ପାଇ ସେ ଜନସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିଥିଲେ । ତୁରନ୍ତ ଖରାପ ପାଇପକୁ ପରିବର୍ତ୍ତନ କରାଯାଇଛି। ତେବେ ଅନେକ ଲୋକ ଜଣ୍ଡିସ ଆକ୍ରାନ୍ତ ହେବା ପରେ ହସ୍ପିଟାଲ ନଯାଇ ଝଡା ଫୁଙ୍କା କରିବାରୁ ଏହା ଧିରେ ଧିରେ କାୟା ମେଲାଇଛି । ତେବେ ସ୍ଥିତି ଏବେ ପୁରା ନିୟନ୍ତ୍ରଣରେ ରହିଛି ।' ସେହିପରି ଜଣ୍ଡିସ ଖବର ପାଇ ସିଏମସି ସ୍ୱାସ୍ଥ୍ୟ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଏହାର କାରଣ ଖୋଜିବା ଆରମ୍ଭ କରିଛି । ଏହି କ୍ରମରେ ଏହି ୱାର୍ଡର ଅନେକ ଲୋକଙ୍କ ରକ୍ତ ନମୁନା ପରୀକ୍ଷା କରିବା ସହ ପାଣିର ନମୁନା ସଂଗ୍ରହ କରି ଲ୍ୟାବକୁ ପଠାଇଛି। ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡିବ ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କହିଛନ୍ତି । ତେବେ ଜଣ୍ଡିସକୁ ଭୟ ନକରି ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର। ଯଦି କାହାର ଆଖି ଯଦି ହଳଦିଆ ପଡେ, ପତଳା ଝାଡା ହୁଏ କିମ୍ବା ଛୋଟ ପିଲା ମାନେ ଯଦି ବାନ୍ତି କରନ୍ତି କିମ୍ବା ଖାଇବାକୁ ଆଗ୍ରହ ପ୍ରକାଶ ନ କରନ୍ତି ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରିବାକୁ ନିବେଦନ କରିଛନ୍ତି. । ବଡ଼ କଥା ହେଉଛି ପାଣିକୁ ଫୁଟାଇ ପିଇବାକୁ ମଧ ଡାକ୍ତର ପରାମର୍ଶ ଦେଇଛନ୍ତି ।

# ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ସୁଧୀର ଗୁରୁ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀ ସୁଧୀର ଗୁରୁ(୫୨)କୁ ଗିରଫ କରିବାରେ ସଫଳ ହୋଇଛି ସୁବର୍ଣ୍ଣପୁର ପୋଲିସ। ପଡୋଶୀ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଡିପଦର ଗ୍ରାମର ଶ୍ରୀଗୁରୁ ଦୀର୍ଘଦିନ ଧରି ଆନ୍ତଃରାଜ୍ୟ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ରାକେଟରେ ସାମିଲ ଥିଲେ । ସୁବର୍ଣ୍ଣପୁର ଜିଲ୍ଲା ତରଭା ପୋଲିସ ଆଇଆଇସି ଅନିତା କିଡୋଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବିଚାରପତି ଜାମିନ ନାମଞ୍ଜୁର କରି ଦେଇଥିବାରୁ ତାଙ୍କୁ ସୋନପୁର ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି । ଗତ ୧ ଜୁଲାଇରେ ତାଙ୍କ ନାମରେ ତରଭା ଥାନାରେ ଏକ ଏନଡିପିଏସ କେସ ନଂ ୧୬୩/୨୫ ମାମଲା ରୁଜୁ ହେବା ପର ଠାରୁ ସେ ଫେରାର ହୋଇଯାଇଥିଲେ । ସେହିପରି ପୂର୍ବରୁ ସୋନପୁର ଥାନାରେ ଏନଡିପିଏସ କେସ ନଂ ୧୨୯/୨୪ ଓ ତରଭା ଥାନାରେ ଏନଡିପିଏସ କେସ ନଂ ୧୭୮/୨୫ରେ ମାମଲା ଥିବାବେଳେ ସେ ପୋଲିସକୁ ଚକମା ଦେଇ କୁଆଡେ ଫେରାର ଥିଲେ । ତାଙ୍କୁ ଗିରଫ କରିବା ପାଇଁ ତରଭା ତଥା ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ବ୍ୟାପକ ତନାଘନା ଚଳାଇଥିବା ବେଳେ ସେ ଗିରଫ ଭୟରେ ଘର ଛାଡ଼ି ଉପାନ୍ତ ତଥା ଜଙ୍ଗଲରେ ରହୁଥିବା ଏସପି ନାରାୟଣ ନାୟକ ସୂଚନା ଦେଇଛନ୍ତି । ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଏସ୍‌ପି ଶ୍ରୀନାୟକଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଅଞ୍ଚଳରେ ଚଢଉ କରାଯାଇ ଧରାଯାଇଛି । ଇନ୍ସପେକ୍ଟର ଟଙ୍କଧର ଛତ୍ରିଆ ଏହି ମାମଲାର ତଦନ୍ତ କରୁଥିବା ବେଳେ ସୁଧୀର ଗୁରୁ ନାମରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ଥାନାରେ ମଧ୍ୟ ମାମଲା ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

# ଏମ୍ସରେ ହ୍ୟୁମାନଙ୍କୁ ଭେଟି ସ୍ୱାସ୍ଥାବସ୍ଥା ବୁଝିଲେ ଅଭିନେତା ଅନୁଭବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଭେଟିଲେ ଅଭିନେତା ଅନୁଭବ ମହାନ୍ତି । ଭୁବନେଶ୍ୱର ଏମ୍ସ ଯାଇ ଚିକିତ୍ସାଧିନ ଅବସ୍ଥାରେ ଥିବା ହ୍ୟୁମାନଙ୍କୁ ଭେଟିଛନ୍ତି ଅନୁଭବ । ତାଙ୍କୁ ଦେଖିବା ସହ ହ୍ୟୁମାନ କିଛି କଥାର ରେସ୍‌ପନ୍ସ କରୁଥିବା ଅନୁଭବ କହିଛନ୍ତି । ହ୍ୟୁମାନ ଶୀଘ୍ର ସୁସ୍ଥ ହୋଇ ଘରକୁ ଆସିବେ ବୋଲି ଅନୁଭବ ଆଶା ପ୍ରକଟ କରିଛନ୍ତି। ହ୍ୟୁମାନଙ୍କୁ ଭେଟିବା ପରେ ଅନୁଭବ ମହାନ୍ତି କହିଛନ୍ତି, 'ଯେବେଠୁ ହ୍ୟୁମାନ ଏମ୍ସରେ ଚିକିତ୍ସାଧିନ ଅଛନ୍ତି ସେବେଠୁ ମୁଁ ତାଙ୍କ ଡାକ୍ତର ଶୁଭେନ୍ଦୁ ମିଶ୍ରଙ୍କ ସହ ଯୋଗାଯୋଗରେ ଅଛି । ଭଲରେ କଥା କହିନପାରିଲେ ମଧ ସେ କିଛି କିଛି ରେସ୍‌ପନ୍ସ କରୁଛନ୍ତି । ହ୍ୟୁମାନକୁ କହିକି ଆସିଛୁ ଯେ, ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ ।



ସେ ଜଣେ ଯୋଦ୍ଧା । ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବେ । ଡାକ୍ତରଙ୍କ ଉପରେ ଆମର ସମ୍ପୂର୍ଣ୍ଣ ଭରସା ଅଛି । ଡାକ୍ତରମାନେ ଉତ୍ତମ ଚିକିତ୍ସା ଦେଉଛନ୍ତି । ଆଶା କି ସେ ଭଲ ହୋଇ ଫେରିବେ ।'

ଅନୁଭବ କହିଛନ୍ତି, 'ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ତତ୍ପରତା ଦେଖାଇଛନ୍ତି । ଉତ୍ତମ ଚିକିତ୍ସା ସହ ତାଙ୍କୁ ଆବଶ୍ୟକ ପଡିଲେ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କଥା କହିଛନ୍ତି । ସେଥିପାଇଁ ତାଙ୍କୁ ହୃଦୟରୁ ଧନ୍ୟବାଦ । ଆମେମାନେ ବି ହ୍ୟୁମାନଙ୍କ ସହ ଅଛୁ। ଯାହା ଆବଶ୍ୟକ ଅଛି କରିବୁ । କେବଳ ଆମେ ନୁହେଁ ତାଙ୍କୁ ଓ ତାଙ୍କ ଗୀତକୁ ଭଲ ପାଉଥିବା କୋଟି କୋଟି ଲୋକଙ୍କ ଭଲ ପାଇବା ତାଙ୍କ ସହ ଅଛି । ତେଣୁ ଆମେ ସମସ୍ତେ ତାଙ୍କ ପାଇଁ ପ୍ରାର୍ଥନା କରିବା ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଆସନ୍ତୁ ଆଉ ପୁଣି ସମସ୍ତଙ୍କ ପାଇଁ ଆହୁରି ଭଲ ଭଲ ଗୀତ ଗାଆନ୍ତୁ । ସବୁବେଳେ ହିଟ ଆଉ ସୁପରହିଟ ଗୀତ ତାଙ୍କ ଜୀବନରେ ବନ୍ଧିକି ଚାଲନ୍ତୁ। ମୁଁ ପ୍ରାର୍ଥନା କରୁଛି ସେ ଶୀଘ୍ର ଭଲ ହୋଇ ଘରକୁ ଫେରନ୍ତୁ ।' ହ୍ୟୁମାନ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍ଗଟାପନ୍ନ ରହିଥିବା ବେଳେ ବର୍ତ୍ତମାନ ସେ ଭୁବନେଶ୍ୱର ଏମ୍ସରେ ସେ ଚିକିତ୍ସାଧି ହେଉଛନ୍ତି । ତାଙ୍କ ଲିଭର ସହ ଶରୀରର ଏକାଧିକ ଅଙ୍ଗ ଅଚଳ ହୋଇଯାଇଛି । ଯଦି ସ୍ୱାସ୍ଥ୍ୟ ଅଧିକ ଗୁରୁତର ହୁଏ ତେବେ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରିବାକୁ ଯୋଜନା ରହିଥିବା କହିଛନ୍ତି ଡାକ୍ତର । ସେପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଇଓଓଗଝ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି । ଯଦି ଆବଶ୍ୟକ ପଡେ ତେବେ ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ଡିସେମ୍ବର ୬ ତାରିଖରେ କୋଣାର୍କ ପଥ ଉତ୍ସବ: ମାସ୍କଟ ଚିତ୍ର ଉନ୍ମୋଚନ

**କୋଣାର୍କ, ନ୍ୟୁଜ ବ୍ୟୁରୋ**

କୋଣାର୍କ ଉତ୍ସବ ଅବସରରେ ବିକାଶ ସଂଗଠନ ପକ୍ଷରୁ ଆସନ୍ତା ଡିସେମ୍ବର ୬ ତାରିଖରେ କୋଣାର୍କରେ ପଥ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ କୋଣାର୍କ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ପଥ ଉତ୍ସବ ଅଧ୍ୟକ୍ଷ ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଶିକ୍ଷାବିତ ପ୍ରତାପ ରାଉତ, ସମାଜସେବୀ ରାଜକିଶୋର ମହାପାତ୍ର, ଉମେଶ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ପୂର୍ବତନ କାଉନସିଲର ପ୍ରତାପ ଗୋଛାୟତ ପ୍ରମୁଖ ଯୋଗ ଦେଇଥିଲେ। ପଥ ଉତ୍ସବ ମାସ୍କଟ ଚିତ୍ର ଉନ୍ମୋଚନ ହୋଇଥିଲା। ଏହି ପଥ ଉତ୍ସବ ଥାନାଛକରୁ ବାହାରି ମେଡିକାଲ ଛକ, ରିଙ୍ଗରୋଡ ଦେଇ ହେଲିପ୍ୟାଡରେ ପହଞ୍ଚିବ। ଏଥିରେ ବିଭିନ୍ନ ଅଞ୍ଚଳର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ପଞ୍ଜିକୃତ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଲୁପ୍ତପ୍ରାୟ ଲୋକକଳା, କ୍ରୀଡ଼ା ପ୍ରଦର୍ଶନ ଆଦି ବିଭିନ୍ନ କଳା କୌଶଳ ଦେଖିବାକୁ ମିଳିବ।




# ବ୍ରହ୍ମପୁର ସହରରେ ନକଲି ସାମଗ୍ରୀ ବିକ୍ରି ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗୁଟ୍‌ଖା ଓ ପାନ ମସଲା ନାଁରେ ବ୍ରହ୍ମପୁର ସହରରେ ନକଲି ସାମଗ୍ରୀ ବିକ୍ରି ହେଉଛି। ଗୁଟ୍‌ଖା ପ୍ୟାକେଟ୍‌ରେ ନକଲି ଗୁଆ ଓ ଧୂଆଁପତ୍ର ଭର୍ତି କରାଯାଉଛି । ବଜାରରେ ମିଳୁଥିବା କିଛି ନିର୍ଦ୍ଦିଷ୍ଟ ଗୁଟ୍‌ଖା ଓ ମାୱା ମସଲାରେ ଗୁଆ ବଦଳରେ ତେନ୍ତୁଳି ମଞ୍ଜି ଓ ଧୂଆଁପତ୍ର ବଦଳରେ ଅମୃତଭଣ୍ଡା ଗଛର ପତ୍ର ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ସାଧାରଣତଃ ଗୁଟ୍‌ଖା ଓ ପାନ ମସଲା ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇଥିଲେ ହେଁ ଅସାଧୁ ବ୍ୟବସାୟୀଙ୍କ ଏହି ନକଲି କାରବାର ଚାଲିଛି। ସହରରେ ଏଭଳି ଅସାଧୁ କାରବାର ବର୍ଷ ବର୍ଷ ଧରି ଚାଲୁଥିବା ଜାଣିଥିଲେ ମଧ ପୋଲିସ ଓ ପ୍ରଶାସନ, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷା ବିଭାଗ ନୀରବ ରହିଛି । ପାନ ମସଲା ନାମରେ ବ୍ୟବସାୟିକ ଲାଇସେନ୍ସ ହାତେଇ ବେଆଇନ୍ ଭାବେ ଅତ୍ୟନ୍ତ ହାନିକାରକ ଦ୍ରବ୍ୟ ବ୍ୟବହାର କରି ଗୁଟ୍‌ଖା ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ମହଲରେ ଦୀର୍ଘ ଦିନ ହେଲା ଅଭିଯୋଗ ହୋଇ ଆସୁଛି । ସହରରେ ବିଭିନ୍ନ ପାନ, ଚା' ଓ ତେଜରାତି ଦୋକାନରେ ଭିନ୍ନ ଭିନ୍ନ ନାମରେ ପ୍ରତିଦିନ ହଜାର ହଜାର ମାଳ ଗୁଟ୍‌ଖା ବିକ୍ରି ହେଉଛି । ସେଥିରୁ କିଛି ଗୁଟ୍‌ଖା ଦେଶର ବଡ଼ ବଡ଼ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହୋଇଥିବା ବେଳେ ଆଉ କିଛି ପୁଡ଼ିଆ ତଥା ପାନ ମସଲା ଓ ମାୱା ମସଲା ବ୍ରହ୍ମପୁରର ବଡ଼ବଜାର ଓ ସଦର ଥାନା ଅଞ୍ଚଳରେ ଥିବା ବେଆଇନ୍ କାରଖାନାରେ ପ୍ରସ୍ତୁତ ହେଉଛି। ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ୨ଟି ନିର୍ଦ୍ଦିଷ୍ଟ ପୁଡ଼ିଆ ବହୁଳ ଭାବରେ ବିକ୍ରି ହେଉଛି । ସହର ଉପକଣ୍ଠରେ ଲୁଚାଛପାରେ କାରଖାନା ଚଳାଇଥିବା ଗୋଟିଏ ପାନ ମସଲା କମ୍ପାନୀ ଓ ଗୋଟିଏ ମାୱା ମସଲା କମ୍ପାନୀ ନିଜର ପୁଡ଼ିଆ ପ୍ୟାକେଟ୍‌କୁ ବଡ଼ବଜାର ଅଞ୍ଚଳର ପାଇକାରୀ ବେପାରୀଙ୍କ ନିକଟକୁ ପଠାଇବା ପରେ ମଧ୍ୟସ୍ଥି ବ୍ୟବସାୟୀମାନେ ସେହି ପୁଡ଼ିଆ ପ୍ୟାକେଟ୍‌କୁ ନେଇ ପାନ ଓ ତେଜରାତି ଦୋକାନରେ ପହଂଚାଉଛନ୍ତି । ଆଉ ଏହି ବ୍ୟବସାୟକକୁ ସ୍ଥାନୀୟ କିଛି ନିର୍ଦ୍ଦିଷ୍ଟ ରାଜନେତା କୁଆଡ଼େ ସୁରକ୍ଷା ଦେଉଛନ୍ତି । କିଛି ଦୋକାନୀ ପୁଡ଼ିଆ ପ୍ୟାକେଟ୍‌କୁ ଲୁଚାଇ ଡ଼ବା ଭିତରେ ରଖି ବିକ୍ରି କରୁଥିବା ବେଳେ ଆଉ କିଛି ଦୋକାନରେ ଖୋଲାଖୋଲି ବିକ୍ରି ହେଉଛି । ଏକ ଆକଳନ ଅନୁସାରେ ବ୍ରହ୍ମପୁର ସହରରେ ଦୈନିକ ୨ ରୁ ୩ ଟ୍ରକ୍ ଗୁଟ୍‌ଖା ବିକ୍ରି ହେଉଛି । ବଜାରରେ ମିଳୁଥିବା ଏହି ୨ ପ୍ରକାରର ପୁଡ଼ିଆ କେଉଁଠି ପ୍ରସ୍ତୁତ ହେଉଛି, ଏହାର ପ୍ରକାର ଭେଦ କଣ ତାହା ଗ୍ରାହକମାନେ ଜାଣି ପାରୁନାହାନ୍ତି । ଅଧିକ ଲାଭ ଆଶାରେ ଏହି କାରଖାନାର ମାଲିକମାନେ ଧୂଆଁପତ୍ର ବଦଳରେ ଅମୃତ ଭଣ୍ଡାର ଶୁଖିଲା ପତ୍ର, ଗୁଆ ବଦଳରେ ଶୁଖିଲା ତେନ୍ତୁଳି ମଞ୍ଜି, ନିମ୍ନମାନର ଚୁନ ଓ ଖଇର ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ନକଲି ପୁଡ଼ିଆ ପ୍ରସ୍ତୁତ ପାଇଁ ଗୁଟ୍‌ଖା ବ୍ୟବସାୟୀମାନେ ନକଲି ସାମଗ୍ରୀ ଯୋଗାଡ଼ କରୁଛନ୍ତି । ନକଲି ସାମଗ୍ରୀ ଯୋଗାଣ ଓ ପ୍ରସ୍ତୁତ କରିବାକୁ ବଡ଼ବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀପେଣ୍ଠ, କାଳୁପାତ୍ର ସାହି, ପୁରୁଣା ବ୍ରହ୍ମପୁର ଭଳି ଅଞ୍ଚଳରେ ଏକାଧିକ ଗୋଦାମ ରହିଛି । ବେବେବେଳେ ପୋଲିସ ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନକଲି ଗୁଟ୍‌ଖା କାରଖାନା ଓ ଗୋଦାମରେ ଚଢ଼ଉ କରାଯାଉଛି। ହେଲେ ତାହା ସମୁଦ୍ରରୁ ଶଙ୍ଖେ ସଦୃଶ୍ୟ ଭଳି ମନେ ହେଉଛି । ସହରରେ କିଛି ଜଣାଶୁଣା ଗୁଟ୍‌ଖା ମାଫିଆ ରହିଛନ୍ତି । ସେମାନେ ଗିରଫ ହୋଇ ଜେଲ୍ ଯିବା ପରେ ଜାମିନ୍‌ରେ ଆସି ପୁଣିଥରେ ନକଲି ଗୁଟ୍‌ଖା ପ୍ରସ୍ତୁତିରେ ଲାଗି ପଡୁଛନ୍ତି । ଗୋଟିଏ ଗୋଦାମ କିମ୍ବା କାରଖାନାରେ ଚଢ଼ଉ ହେଲେ ଆଉ ଗୋଟିଏ ଘର ଭଡ଼ାକୁ ନେଇ ନୂତନ କାରଖାନା ଓ ଗୋଦାମ ଖୋଲି ଦେଉଛନ୍ତି । ଏପଟେ ସରକାର ମଧ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ହେଲେ ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ଠୋସ୍ ପଦକ୍ଷେପ ନିଆଯାଉନାହିଁ । ନିକଟରେ ପୋଲିସ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଉଥିଲା । ଶିକ୍ଷାନୁଷ୍ଠାନ ନିକଟରେ ଥିବା ଗୁଟ୍‌ଖା ଓ ମଦ ଦୋକାନରେ ଚଢ଼ାଉ କରାଯାଇଥିଲା । ସେଥିରୁ ସେଭଳି କୌଣସି ସୁଫଳ ମିଳିଥିବା ଭଳି ମନେ ହେଉନି । ବେଆଇନ୍ ଗୁଟ୍‌ଖା ପ୍ରସ୍ତୁତି, କାରବାର ଓ ବିକ୍ରି ବନ୍ଦ କରିବାକୁ କୋଟପା ଆଇନ୍-୨୦୦୩ କାର୍ଯ୍ୟକାରୀ କରାଯାଇଛି । ଏହି ଆଇନ୍ ଅନୁସାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ, ଖାଦ୍ୟ ସୁରକ୍ଷା ବିଭାଗ ସହ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ଟିମ୍ ଗଠନ ହୋଇ ଚଢ଼ାଉ କରାଯିବା କଥା । ହେଲେ ଉପରୋକ୍ତ ବିଭାଗ ଭିତେର ସମନ୍ୱୟ ଅଭାବ ଯୋଗୁଁ ଗଞ୍ଜାମ ଏବଂ ବିଶେଷ କରି ବ୍ରହ୍ମପୁରରେ ଦିନକୁ ଦିନ ବେଆଇନ୍ ଗୁଟ୍‌ଖା କାରବାର ବଢ଼ିବାରେ ଲାଗିଛି।

# ମଇଳା ପାଣି କେନାଲକୁ ସଂଯୋଗ କରିବା ନିମନ୍ତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଲେ ବିଧାୟକ




**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମୁଖରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଦ୍ୱାରା ଗଞ୍ଜାମ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ହେଉଅଛି । କିନ୍ତୁ ଉକ୍ତ ପ୍ରକଳ୍ପର ବର୍ଜ୍ୟ ବା ଗୋଳିଆ ପାଣି ଓଭର ଫ୍ଲୋ ହୋଇ ନିକଟସ୍ଥ ଚାଷ ଜମିରେ ପଶୁଛି । ଯାହା ଫଳରେ ସ୍ଥାନୀୟ ଚାଷୀଙ୍କ ମହଲରେ ଘୋର ଅସନ୍ତୋଷ ଦେଖା ଦେଉଛି । ବର୍ତ୍ତମାନ ଜମିରେ ଧାନ ପାଚି ଯାଇଥିବା ବେଳେ ଆଉ କିଛି ଦିନ ପରେ ଚାଷୀ ଅମଳ କରି ଘରକୁ ନେବେ । କିନ୍ତୁ ଗୋଳିଆ ବର୍ଜ୍ୟ ପାଣି ପଶିଯିବା ଫଳରେ ପାଚିଲା ଧାନ ନଷ୍ଟ ହେଇଯିବ । ଏନେଇ ସ୍ଥାନୀୟ ସରପଞ୍ଚ ମମତା ବେହେରା ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ନାୟକ ଉକ୍ତ ପ୍ରକଳ୍ପ ସ୍ଥଳ ଏବଂ ପ୍ରକଳ୍ପ ବର୍ଜ୍ୟ ପାଣି ପଶୁଥିବା ଧାନ ଚାଷ ଜମି ବୁଲି ଅନୁଧାନ କରିବା ସହ ପ୍ରକୃତ ଚାଷୀ ମାନଙ୍କ ଆଲୋଚନା କରିଥିଲେ । ଏଥିସହ ପ୍ରକଳ୍ପ ଅଧିକାରୀ ଏବଂ ଜଳ ସେଚନ ବିଭାଗୀୟ ଅଧିକାରୀଙ୍କ ସହ କଥା ହୋଇ ଉକ୍ତ ମଇଳା ପାଣି କେନାଲକୁ ସଂଯୋଗ କରିବା ନିମନ୍ତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି ବିଧାୟକ । ବିଭାଗୀୟ ଅଧିକାରୀମାନେ ଉକ୍ତ ଜଳ କେନାଲକୁ ଖୁବ୍ ଶୀଘ୍ର ସଂଯୋଗ କରାଯିବ ବୋଲି ପ୍ରତିଶୃତି ଦେଇଥିବା ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜମିକୁ ଉକ୍ତ ମଇଳା ପାଣି ପଶିବା ଫଳରେ ଧାନ ଚାଷ ବ୍ୟତୀତ ଅନ୍ୟ କୌଣସି ଚାଷ କାର୍ଯ୍ୟ ହୋଇ ପାରୁନଥିବା ସରପଞ୍ଚ ପ୍ରତିନିଧି କହିଛନ୍ତି । ସମସ୍ୟା ଦୂର ହେବା ଜାଣି ଚାଷୀ ମହଲରେ ଖୁସିର ଲହରୀ ଖେଳି ଯାଇଛି ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୧୧।୨୦୨୫, ମାର୍ଗଶିର ଦି୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫ା୫୬।୧୮ ଚନ୍ଦ୍ରୋଦୟ- ରାଘ୪।୦୮।୧୦**

**ତ୍ରୟୋଦଶୀ-** ଅହୋରାତ୍ର । **ହସ୍ତାନକ୍ଷତ୍ର-** ନିଘ ୫।୦୨ ପର୍ଯ୍ୟନ୍ତ **କନ୍ୟାଚନ୍ଦ୍ର-** ଦିଘ ୩।୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। ଦିଘ ୩।୩୫ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର ଦିଘ ୩।୩୫ ମଧ୍ୟେ। **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୭।୨୨ ମଧ୍ୟେ । ଦିଘ ୮।୫୭ ଗତେ ଘ ୧୧।୦୯ ମଧ୍ୟେ । **ପର୍ବୋତ୍ସବ-** ଲାଲା ଲଜ୍‌ପତ୍ ରାୟଙ୍କ ତିରୋଧାନ ଦିବସ ।



**ମେଷ-**ବ୍ୟବସାୟରେ ଲାଭବାନ ହେବେ । ଦେହ ଓ ମନ ଭଲ ରହିବ । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବୃଷ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ବନ୍ଧୁଙ୍କ ସହ କଳହ ଦେଖାଦେଇପାରେ । ଆୟ ଅପକ୍ଷା ବ୍ୟୟର ମାତ୍ରା ବଢିବ । ଘରେ ଅଶାନ୍ତି ଦେଖାଦେଇପାରେ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆୟ ଯୋଗ ରହିଛି । ଘରେ ଶାନ୍ତିର ବାତାବରଣ ରହିବ । ଭ୍ରମଣ ଯୋଗ ରହିଛି ।



**କର୍କଟ:** ଗୃହେ ସୁଖ ଶାନ୍ତି ରହିବ । ରୋଜଗାର ଭଲ ହେବା କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପରୋପକାର କରି ଆନନ୍ଦିତ ହେବେ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।



**ସିଂହ:** ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ଅଧିକ ହେବ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ମାନସିକ ଦ୍ୱନ୍ଦ ମନକୁ ଭାରାକ୍ରାନ୍ତ କରିବାର ସୂଚନା ।



**କନ୍ୟା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନ କରିପାରନ୍ତି । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**ତୁଳା:** ମାନସିକ ଦୁଶ୍ଚିନ୍ତା ଦୂର ହେବ । କର୍ମକ୍ଷେତ୍ରରେ ଶୁଭଫଳ ପାଇବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦୂରଯାତ୍ରା କରିବାର ସମ୍ଭାବନା ରହୁଛି ।



**ବିଛା:** ଶରୀରରେ ସାମାନ୍ୟ ପୀଡା ଦେଖାଦେବ । ବ୍ୟବସାୟ କ୍ଷତିରେ ଚାଲିପାରେ । ଏଣୁ ଚିନ୍ତିତ ରହିବେ । ଆୟ ଠାରୁ ବ୍ୟୟ ଅଧିକ ହୋଇପାରେ । ମହିଳାମାନେ ଗର୍ବୀ ହେବେ । ମନ ଅସ୍ଥିର ରହିବ ।



**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢିବ । ସାଧନାରେ ସିଦ୍ଧି ଲାଭ କରିବେ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।



**ମକର:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ମଧ୍ୟ ଜୁଟିପାରେ । ଘରେ ସୁଖ ଶାନ୍ତି ବଜାୟ ରହିବ ।



**କୁମ୍ଭ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବେ । ଘରେ ଅସନ୍ତୋଷ ଦେଖାଦେବ । ମାନସିକ ଦ୍ୱନ୍ଦ ଦେଖାଦେଇପାରେ ।



**ମୀନ:** ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ପିଲାମାନେ ପଢାପଢିରେ ଆଗେଇବେ । ଘରେ ଆନନ୍ଦ ଦେଖାଦେବ ।

## ଆଗାମୀ କାଲିର ପଞ୍ଜିକା

ନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୧୧।୨୦୨୫, ମାର୍ଗଶିର ଦି୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫ା୫୬।୫୩ସେକେଣ୍ଡ ଚନ୍ଦ୍ରୋଦୟ- ନିଘ୪।୫୯।୦୭ସେକେଣ୍ଡ**

**ତ୍ରୟୋଦଶୀମଳ-ପ୍ରାଘ୭।୧୨ପର୍ଯ୍ୟନ୍ତ । ସ୍ୱାତୀନକ୍ଷତ୍ର ଓ ତୁଳାଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ପ୍ରାଘ୭।୧୨ଗତେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୧ ଗତେ ଘ ୬।୪୫ ମଧ୍ୟେ । ଦିଘ ୮।୪୬ ଗତେ ଘ ୧୧।୧୦ ମଧ୍ୟେ । **ପର୍ବୋତ୍ସବ-** ଶିବୋପବାସ ବେଢାପରିକ୍ରମା ।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଭାରତର ତୈଳ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବା ଆଶଙ୍କା

ଆମେରିକା ଦୁଇଟି ପ୍ରମୁଖ ଋଷୀୟ ତୈଳ କମ୍ପାନୀ, ରୋସନେଫ୍ଟ ଏବଂ ଲୁକୋଇଲ୍ ଉପରେ ପ୍ରତିବନ୍ଧକ ଲଗାଇଛି । ଏହି ପ୍ରତିବନ୍ଧକ ନଭେମ୍ବର ୨୧ ତାରିଖରୁ କାର୍ଯ୍ୟକାରୀ ହେବ । ଏହା ପରେ, ଅନ୍ତର୍ଜାତୀୟ ତୈଳ ବଜାରକୁ ଋଷୀୟ ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇବ ଏବଂ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆମେରିକାର ପ୍ରତିବନ୍ଧକର ପ୍ରଭାବରୁ ରକ୍ଷା ପାଇବା ପାଇଁ, ଭାରତୀୟ ତୈଳ କମ୍ପାନୀଗୁଡ଼ିକ ପାଇଁ ଏବେ ଋଷିଆରୁ ସୁଲଭ ମୂଲ୍ୟରେ ବହୁ ପରିମାଣର ଅଶୋଧିତ ତୈଳ ଆମଦାନୀ କରିବା ବହୁତ କଷ୍ଟକର ହୋଇଯିବ ।

ଭାରତ ଏହାର ଆବଶ୍ୟକତାର ୮୫ ପ୍ରତିଶତ ଅଶୋଧିତ ତୈଳ ବିଭିନ୍ନ ଦେଶରୁ ଆମଦାନୀ କରେ । ଦୁଇଟି ପ୍ରମୁଖ ଋଷୀୟ ତୈଳ କମ୍ପାନୀ ଉପରେ ପ୍ରତିବନ୍ଧକ ପରେ, ଭାରତକୁ ଅଶୋଧିତ ତୈଳ ଆମଦାନୀ ବୃଦ୍ଧି କରିବା ପାଇଁ ଅନ୍ୟ ଦେଶ ସହିତ ଆଲୋଚନା କରିବାକୁ ପଡ଼ିବ, ଯାହା ମହଙ୍ଗା ସାବ୍ୟସ୍ତ ହୋଇପାରେ । ସାମୁଦ୍ରିକ ଗୁପ୍ତଚର ସଂସ୍ଥା କେପ୍ଲେରର ଏକ ସାମ୍ପ୍ରତିକ ରିପୋର୍ଟ ଅନୁସାରେ, ଋଷିଆରୁ ଯୋଗାଣ ଅଭାବର ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତ ଏବେ ବିକଳ୍ପ ଉତ୍ସ ଖୋଜିବ । ଆଗାମୀ ସପ୍ତାହଗୁଡ଼ିକରେ, ଭାରତ ଇରାକ ଏବଂ ଆମେରିକା ଭଳି ଦେଶରୁ ଅଶୋଧିତ ତୈଳ ଆମଦାନୀ ବୃଦ୍ଧି କରିପାରେ । ସ୍ପଷ୍ଟ ଭାବରେ କହିବାକୁ ଗଲେ, ଯଦି ନଭେମ୍ବର ୨୧ ପରେ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଏ, ତେବେ ଭାରତର ତୈଳ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବ । ରିପୋର୍ଟ ଅନୁଯାୟୀ, ଭାରତ ସରକାର ଏବଂ ତୈଳ କମ୍ପାନୀଗୁଡ଼ିକ ଏବେ ସର୍ବାଧିକ ଋଷୀୟ ତୈଳ ମହଜୁଦ କରିବା ଏବଂ ମୂଲ୍ୟ ଚାପ ହ୍ରାସ କରିବା ପାଇଁ ନଭେମ୍ବର ୨୧ ପୂର୍ବରୁ ନୂଆ ଅନ୍ତର୍ଜାତୀୟ ଚୁକ୍ତିନାମାରେ ପ୍ରବେଶ କରିବା ପାଇଁ ଏକ ରଣନୀତି ଉପରେ କାମ କରୁଛନ୍ତି । ଯଦି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଏ, ତେବେ ଶେଷରେ ଏହାର ବୋଝ ଭାରତୀୟ ଗ୍ରାହକଙ୍କ ଉପରେ ମଧ୍ୟ ପଡ଼ିପାରେ ଏବଂ ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇପାରେ ।

# କାଳର କୂଟିଳ ଗତି



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ବଡ଼ ପ୍ରଭାବଶାଳୀ ସମୟ । ସେଇହିଁ କାଳ, ମହାକାଳ । ସାକ୍ଷୀ ସୃଷ୍ଟିର ଆଦି, ପୁନଶ୍ଚ ସାକ୍ଷୀ ରହିବ ଅନ୍ତର । କାହା ପାଇଁ ସେ ଇତିହାସ, କାହା ପାଇଁ କଥା, ଗାଥା, ଜନଶ୍ରୁତି ଅବା କିମ୍ବଦନ୍ତୀ । ସଭ୍ୟତାର ଉନ୍ମେଷ, ବିକାଶ, ବିଲୟ । ବ୍ୟକ୍ତିର ମାନ, ଅହଂକାର, ଯଶ, କୀର୍ତ୍ତି, ଖ୍ୟାତି । ସବୁ ସେଇ କାଳର ଖେଳ । ସମୟ ଖେଳୁଚି ଚକାଭଉଁରୀ । ଆଜି ଯେ ରାଜେନ୍ଦ୍ରାସନେ, କାଲି ସେ ରାଜରାସ୍ତାର ଫକିର । ନାହାନ୍ତି ମାନଗୋବିନ୍ଦ ଦୁର୍ଯ୍ୟୋଧନ, ଦିନେ ତାଙ୍କ ପଣ ଥିଲା ବିନା ଯୁଦ୍ଧେ ନଦେବାର ସୂଚ୍ୟଗ୍ରେ ମେଦିନୀ । ସେ ବି ନିଶ୍ଚିହ୍ନ । ତ୍ରିକାଳଦର୍ଶୀ ରାବଣ, ଯାର କିଙ୍କର ଦେବତାମାନେ, ସେ'ବି ନାହିଁ । ନାହାନ୍ତି କଂସାସୁର ଅବା ମହାଦାନୀ ବଳୀ । ଦୁର୍ଗ ଭୁଷୁଡ଼ି ପଡ଼ିଛି, ରାଜଉଆସ ଚେମଣିଆ, ଘରଚଟିଆଙ୍କ ଆବାସ । ପୁନଶ୍ଚ ନୂତନତାର ଅୟମାରମ୍ଭ । ତା'ର ବି ସାକ୍ଷୀ ସମୟ । ନାହାନ୍ତି ଦିଗ୍‌ବିଜୟୀ ଆଲେକଜାଣ୍ଡାର । ଶେଷବେଳରେ ଦେଇଗଲେ ବାର୍ତ୍ତାଟେ । ଆସିଥିଲେ ଶୂନ୍ୟ ହସ୍ତେ ଗଲେ ଶୂନ୍ୟ ହସ୍ତେ । କିନ୍ତୁ ଏ ଦୁନିଆ ଶିଖିଲାନି, ବୁଝିଲାନି । ମଦମତ୍ତ ମଣିଷ । ଅର୍ଥଲାଳସା, କାମିନୀ କାଞ୍ଚନ ଭୋଗ ପିପାସା । ଏ ସବୁ ଅଳିକ, କ୍ଷଣସ୍ଥାୟୀ । ମଣିଷ ଆଜି ଟଙ୍କା ପାଇଁ ପାଗଳ । ଏଥି ପାଇଁ ଅପକର୍ମ, କୁକର୍ମ, ଶୋଷଣ, ଲୁଣ୍ଠନ । ଛାର ! ପାମର କି ବୁଝେ । କାଳ ଅଦୃଶ୍ୟରେ, ଲୁଚିଛପି ସବୁ ଦେଖୁଛି, ଛଞ୍ଚାଣ ଭଳି ଦିନେ ଝାମ୍ପିନେବ । ନଥିବ ସାହା ରାହା । ଅଧୁନା ବଦଳା ସ୍ଥିତି । ବଦଳିଛି ସଂସ୍କୃତି, ସଂସ୍କାର ଆଉ ବିଚାର । ପ୍ରାଚ୍ୟ ସଂସ୍କୃତି ଉପରେ ପାଶ୍ଚାତ୍ୟ ଚଳଣିର ଆଧିପତ୍ୟ । ବଦଳା ଜନ-ଜୀବନ, ଆଚାର, ବିଚାର, ଚଳଣି । ଏ ପ୍ରସଙ୍ଗଟି ଉଣା ଅଧିକେ ସବୁ ଦେଶ, ସବୁ ରାଜ୍ୟ ପାଇଁ ପ୍ରଯୁଜ୍ୟ । ଏଥିରୁ ବାଦ୍ ପଡ଼ିନି ଓଡ଼ିଶା । ଊନବିଂଶ ଶତାବ୍ଦୀରର କଥା, ଆରମ୍ଭ ହେଲା ଫିରିଙ୍ଗି ରାଜୁତି । ଚାଲିଲା ନୂଆ ଶାସନ, ରୀତି, ନୀତି । ସୃଷ୍ଟି ହେଲା ସାମାଜିକ ସଂକଟ । ବସିଖିଆ, ମହାଜନ, ସାହୁକାର, ନାନାଦି ସୁବିଧା ପାଇଲେ । ପାଲଟିଲେ ଶୋଷକ, ସଇତାନ । କେତେ କେତେ ଖଟିଖିଆ, ରଇତ ହେଲେ ତଳିତଳାନ୍ତ; ମାତ୍ର ଦାତା-ଗ୍ରହୀତା, ସାହୁକାର-ରଇତ, ରାଜା ରଙ୍କ, ସମସ୍ତେ କାଳର କବଳରେ । ସାହୁକାର ଦିନେ ବସିଥିଲା ଟଙ୍କାର ପାହାଡ଼ ଉପରେ, ଏବେ ସର୍ବସ୍ୱାନ୍ତ । ରଇତଟି ପଥର ଭିକାରୀ । ଉଭୟ ମାନସିକ ବିକାରଗ୍ରସ୍ତ । ସାହୁକାର ଖୋଜୁଛି ରଇତକୁ, ରଇତଟି ଖୋଜୁଛି ସାହୁକାରକୁ । ଏମିତି ଏକ କଥାବସ୍ତୁ । ଏହାରି ଉପରେ ଆଧାରିତ ଗପଟେ – 'ପଟ୍ଟନାୟକ, ପଇସାଟିଏ' । ଗାଳ୍ପିକ ଗୋଦାବରୀଶ ମହାପାତ୍ର । ଶୋଷକ, ଶୋଷିତ – ସେଇମାନଙ୍କ ଜୀବନର କଥା ବ୍ୟଥା – ଗଳ୍ପଟିର ଆଧାର ।

୧୫୬୮ ମସିହା । ଓଡ଼ିଶାର ରାଜନୀତିକ ଆକାଶ ଘୋର ଅନ୍ଧକାରାଚ୍ଛନ୍ନ । ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ । ଯାଜପୁର ଗୋହିରାଟିକିରୀ ଯୁଦ୍ଧରେ ନିହତ ହେଲେ । ବିଦେଶୀମାନଙ୍କ ହାତରେ ଓଡ଼ିଶା । କ୍ରମରେ ଶାସକ – ଆଫଗାନ, ମୋଗଲ, ମରହଟ୍ଟା । ସର୍ବଶେଷରେ ଇଂରେଜମାନେ । ୧୮୦୩ରେ ସେମାନଙ୍କ ଓଡ଼ିଶା ବିଜୟ ସମାପ୍ତ । ନଦୀନାଳ, ବଣପାହାଡ଼ ଘେରା ଏଇ ରାଜ୍ୟ । ଫିରିଙ୍ଗିମାନେ ସମ୍ପୂର୍ଣ୍ଣ ଅଜ୍ଞ । ଆପଣା ଢାଞ୍ଚାରେ ଶାସନ ଚଳାଇଲେ । ଓଡ଼ିଶାର ଖଜଣାଖାନା ଲୁଟିଲେ । ଓଡ଼ିଆଙ୍କର କୃଷି ହିଁ ସର୍ବସ୍ୱ । କୃଷକମାନଙ୍କ କଥା, ଇଂରେଜ ଶାସକ ବିଚାରକୁ ନେଲେନି । ସୃଷ୍ଟି ହେଲା ମହାସଂକଟ । କୃଷକମାନେ ଅର୍ଥ ଶୋଷଣର ଶିକାର ହେଲେ । କୃଷି, କୃଷକ – ଉଭୟର ଅବସ୍ଥା ଶୋଚନୀୟ । ମୋଗଲ ଶାସନ । ଭୂରାଜସ୍ୱ ଆଦାୟ ବ୍ୟବସ୍ଥା ଜମିଦାରଙ୍କ ମାଧ୍ୟମରେ । ମରହଟ୍ଟାମାନେ ସୁଚିନ୍ତିତ ପଦକ୍ଷେପଟେ ନେଲେ । ପ୍ରଜାଙ୍କ ଠାରୁ ପ୍ରତ୍ୟକ୍ଷ କର ଆଦାୟ କଲେ । କିନ୍ତୁ ଇଂରେଜମାନେ ମୋଗଲଙ୍କ ପନ୍ଥା ଆପଣେଇଲେ । ବିଲାତର ପ୍ରଖ୍ୟାତ ଭୂମ୍ୟାଧିକାରୀ ଲର୍ଡ଼ କର୍ଣ୍ଣୱାଲିସ୍, ସେବେକା ଗଭର୍ଣ୍ଣର ଜେନେରାଲ । ଆରମ୍ଭ କଲେ ଚିରସ୍ଥାୟୀ ବନ୍ଦୋବସ୍ତ । ବିଲାତି ଢାଞ୍ଚା । ତିଆରି କରିଦେଲେ ଗୋଟେ ଲର୍ଡ଼ ବା ଜମିଦାର ଗୋଷ୍ଠୀ । ଜମିଦାରମାନଙ୍କ ପ୍ରାଚୁର୍ଯ୍ୟ ବିଳାସପୂର୍ଣ୍ଣ ଜୀବନ । କୃଷକଙ୍କ ସହ ସମ୍ପର୍କ ନାସ୍ତି । ଖଜଣା ଅସୁଲ ଦାୟିତ୍ୱରେ ଗୁମାସ୍ତାମାନେ । ସେମାନେ ଆପଣେଇଲେ ନାନା ପ୍ରକାର ବୈଧ ଅବୈଧ ଉପାୟ । ବଳ ପ୍ରୟୋଗ ବି । ହନ୍ତସନ୍ତ ରଇତ । ଖଜଣା ପଇଠ, ଝିଅ ବାହାଘର, ଘରଖର୍ଚ୍ଚ ସବୁ ସେଇ କୃଷିରୁ । ପ୍ରାକୃତିକ ବିପର୍ଯ୍ୟୟରେ ଫସଲ ହାନୀ । ତେଣେ ପରିବାର ଭରଣ ପୋଷଣ, ଜମିଦାରଙ୍କ ଖଜଣା ପଇଠ, କୃଷକଟି ଦୌଡ଼େ ସାହୁକାର ପାଖକୁ । ଟଙ୍କା କରଜ ଆଣେ । ଲେଖିଦିଏ କଣ୍ଠ କବଲା । ସୁଧ କଳନ୍ତର ବଢ଼ିଯାଏ । ସାହୁକାର ନିର୍ଦ୍ଦୟ । ରଇତର ଘରଡ଼ିହ, ଜମିବାଡ଼ି ନିଲାମ ଉଠାଏ । ଗାଁର ମଣିଷଟି । ପାଲଟେ ପଥର ଭିକାରି । ଏଣିକି ଭରସା କଲିକତା, ରେଙ୍ଗୁନ ଅବା କାଳୀମାଟି । କେଉଁଠି ଝୋଟ କଳର ଶ୍ରମିକ ତ କେଉଁ ବଙ୍ଗାଳୀ ବାଡ଼ିରେ ମାଳି । ଘରବାହୁଡ଼ା ନାହିଁ । ଉଜୁଡ଼ିଯାଏ ତା ସଂସାର । ଗାଁ, ଆପଣାର ଗାଁ, ତା' ପାଇଁ ସାତ ସପନ ।

ସେଇ ଦୂରିଆ ଦୂରିଆ ଗାଁ । ନାଁ ବାଲିପତର । ସେଇ ଗାଁର ଗରିବ ରଇତ ରଘୁ ସୁବୁଦ୍ଧି । ମାଟି ସହ ମାଟି ହେଇଛି, ସୁନା ଫଳେଇଚି । ଟଙ୍କା ମଶାଏ ସାଇତି ଥାଏ । ଭଲ ଘର ଖଣ୍ଡେ ତା'ର । ଉପର ନଡ଼ା ଛପର, ପକ୍‌କା ପିଣ୍ଡା । ସୁଖ ସଂସାର ରଘୁର । ସେଇବର୍ଷ ତିରୋଟ ବେଳ । ଫସଲ ହେଲାନି । ଗାଁ ମହାଜନ ପଟ୍ଟନାୟକ । ରଘୁ ତାଙ୍କଠାରୁ କରଜ ଆଣିଲା ୫୦ ଟଙ୍କା । ପାଞ୍ଚ ବର୍ଷରେ ୫୦୦ ଟଙ୍କା । ସେଦିନ ଗାଁ ସାରା ଟୁପୁର ଟାପୁର – ରଘୁ ଘର ନିଲାମ ହେବ । ସତକୁ ସତ ରଘୁ ଘର ଆଗରେ ଢେଙ୍ଗୁରା ବାଜିଲା । ପଟ୍ଟନାୟକେ ରଘୁର ଘର, ବାଡ଼ି, ବିଲ ନିଲାମ ଉଠାଇଲେ । ରଘୁର ସର୍ବସ୍ୱ ଗଲା । ଏବେ ରଘୁ ପାଗଳ, ଯାହାକୁ ଦେଖେ, ହାତ ପତାଇ କହେ – "ପଟ୍ଟନାୟକ, ପଇସାଟିଏ ।"

ଆସିକା ବସ୍‌ଷ୍ଟାଣ୍ଡ । ବସ୍‌ର ଘଡ଼ଘଡ଼, ଦମ୍‌ଦମ୍ ଭଁ-ଭଁ ଶବ୍ଦ । ତା' ଭିତରେ ଗୋଟିଏ କରୁଣ ସ୍ୱର – 'ପଟ୍ଟନାୟକ, ପଇସାଟିଏ' । ଲୋକଟି ଆଉ କେହି ନୁହେଁ ରଘୁ ସୁବୁଦ୍ଧି । ରଥଙ୍କୁ ଚାହିଁ ମାଗେ, ମିଶ୍ରଙ୍କୁ ଚାହିଁ ହାତ ପତାଏ, ରଥେ, ମିଶ୍ରେ ମୁହଁ ବୁଲାନ୍ତି । ଦାସେଙ୍କୁ ମାଗେ – ଦାସେ ଚିଡ଼ି ଉଠନ୍ତି । ପ୍ରଧାନେ ବସ୍‌ରେ, ମୁଣ୍ଡରେ ପଗଡ଼ି । ଢେର୍ ବଡ଼ଲୋକ । 'ପଧାନ' ଡାକିଲେ ହୁଏତ ଦେଇଥାଆନ୍ତେ ! ଏମିତି ଗୋଟିକ ପରେ ଗୋଟେ ଯାତ୍ରୀ, କିଏ ମୁହଁ ବୁଲାଏ । କିଏ ଚିଡ଼୍‌ଚିଡ଼୍ ହୁଏ । କିଏ କହେ – ଏଇଟା ତା'ର ଅଭ୍ୟାସ । ଆଉ କିଏ କହେ – ଏଇଟା ପାଗଳ । କିଏ କହିଲା – ଗଞ୍ଜୋଡ଼୍, ଆପୁଆ, ଗୁଲିଆ । ରଘୁ ସବୁ ଶୁଣେ, ତିରସ୍କାର ପାଏ । ନାହିଁ ପ୍ରତିବାଦ । କେବଳ ଗୋଟିଏ କଥା – ପଟ୍ଟନାୟକ, ପଇସାଟିଏ । ବର୍ଷେ ଦେଢ଼ବର୍ଷ ଗଲା । ଏବେ ତା'ର ଆଉ ଦେଖାନାହିଁ ।

ସେଇ ଆସିକା ବସ୍‌ଷ୍ଟାଣ୍ଡ । ରଘୁ ସୁବୁଦ୍ଧି ନୁହେଁ, ଆଉ ଜଣେ ଭିକାରି । ବିଧିର ବିଧାନ ବଡ଼ ବିଚିତ୍ର । ଜଣେ ମାଗୁଥିଲା, ଏବେ ଆଉ ଜଣେ ଯାଚୁଛି । ତା' ଠାରୁ କିଏ ବା ନେବ ? ସମସ୍ତେ ଆହା ! ଆହା କରନ୍ତି । ବିଚରାର ଭାଗ୍ୟ ଏମିତି ! ଦିନେ ଘିଅ ମହୁରେ ଭାସୁଥିଲା । ବଡ଼ ଜମିଦାରୀ । ମହାଜନ ଖାତକୀ କାରବାର, ମିଛ ସତ କହି ଢେର୍ କମେଇଚି । କେତେ ଗରିବଙ୍କ ଘର ଉଚ୍ଛନ୍ନ କରିଛି । ଗରିବଙ୍କ ଆଖିର ଲୁହ, ଜାଳି ଦେଲା ଅହଙ୍କାର । ଚାଲିଗଲା ପ୍ରାଚୁର୍ଯ୍ୟ । ଏବେ ସେ ପାଗଳ । ଭିକାରୀ ଜଣକ ଆଉ କେହି ନୁହେଁ । ବାଲିପତର ଗାଁର ପଟ୍ଟନାୟକେ । ତଳି ତଳାନ୍ତ କରିଥିଲା ରଘୁକୁ । ଏବେ ସେ ତଳିତଳାନ୍ତ । ବସି ଖାଇଲେ ସାତଜନ୍ମ ଖାଇ ଥାଆନ୍ତା; ମାତ୍ର ଆଜି ଇମିତି । କିଏ କହେ ତାକୁ ଧର୍ମ ସହିଲାନି । ଆଉ କିଏ କହେ ପର ରକତ ଶୋଷା । ଗରିବର ଅଭିଶାପ । ପଟ୍ଟନାୟକେ ପାଗଳ ନ ହେବାକୁ ବାଟ କାହିଁ ? ଆଉ ଜଣେ କିଏ କହିଲା – "ଦେଖିନ, ସୁବୁଦ୍ଧି ପରା ଯାଙ୍କରି ହେତୁ ବାୟା ହେଇଗଲା ଯେ, ଆଉ ଘରକୁ ଫେରିଲା ନାହିଁ । ତାଙ୍କୁ ଖୋଜି ଖୋଜି ସଂସାର ବୁଲୁଚି, ଆଜି ପୁଣି ଏ ତାକୁ ଖୋଜି ଖୋଜି ବାୟା । ସଂସାର ଯେ ଆତଯାତ କରାଉଚି, ସେ କରେଇଚି ଯାକୁ ।" ସବୁ ସେଇ ଗୋବିନ୍ଦର ମାୟା । କାଳର ଖେଳ ।

ସେଦିନର କଥା । ବସ୍‌ରେ ଗଳ୍ପନାୟକ । ପଟ୍ଟନାୟକ ଆଡ଼କୁ ହାତ ବଢ଼େଇ ଦେଲେ । ଜରାଜୀର୍ଣ୍ଣ ଶିରାଳ ହାତ ଭିକାରିଟିର । ତରତରରେ ବଢ଼େଇ ଦେଲା ପଇସାଟିଏ । ହାତଟାକୁ ଧରି ପକାଇଲା, ପାଗଳ ପରି ହସିଲା, କାନ୍ଦିଲା – "ଦେଖା ହେଲା, ଦେଖା ହେଲା । କିଛି ନେଇ ନାହିଁ, ସବୁ ରଖି ଦେଇଚି । ସୁବୁଦ୍ଧି ଯାଉଚ କୁଆଡ଼େ ।" ବସ୍ ଛାଡ଼ିଦେଲା । ଗଳ୍ପ ନାୟକର ହୃଦୟ ଚହଲି ଯାଇଛି । ଦେଢ଼ ବର୍ଷ ତଳର ରଘୁ ସୁବୁଦ୍ଧି, ଘଣ୍ଟାକ ତଳର ପଟ୍ଟନାୟକ, ପରସ୍ପରକୁ ଚିହ୍ନିଛନ୍ତି । ଜଣେ ହତାଶ ପ୍ରାଣରେ ଚାଲିଯାଉଚି, ଜଣେ ଅନୁତାପରେ ତାକୁ ଟାଣି ଧରୁଛି । ଦୁଇଟି ବ୍ୟଥାତୁର ପ୍ରାଣ । ସମାନ ତାଳରେ ଯେମିତି ନୃତ୍ୟ କରୁଛନ୍ତି ନାୟକଙ୍କ ହୃଦୟରେ । ତା' ପରେ ନିରବ ନିସ୍ପନ୍ଦ । ଚାରିକଡ଼ରେ ପାହାଡ଼, ପର୍ବତ, ଜନସ୍ରୋତ, ହାଟବଜାର; କିନ୍ତୁ ନ ଥିଲେ ସୁବୁଦ୍ଧି ଅବା ପଟ୍ଟନାୟକ ।

ଧନଧାନ୍ୟ ପୂର୍ଣ୍ଣ ଏ ବସୁନ୍ଧରା । ଧନୀ, ଦରିଦ୍ରର ନିଷ୍ଠୁର ଖେଳ । ମଙ୍ଗଳମୟ ସ୍ରଷ୍ଟା । ମଧୁମୟ ସୃଷ୍ଟି । ସର୍ବେ ଅମୃତସ୍ୟ ପୁତ୍ରଃ । ମାନବ ଶିଶୁ ସୂର୍ଯ୍ୟାଲୋକ ଦେଖେ । କାହା ମୁହଁରେ ସୁନା ଚାମୁଚା । ଆଉ କାହା ପାଇଁ ଶାମୁକା, କ୍ଷୀରପାନ ପାଇଁ । ତା' ପରେ ରାଜା, ମନ୍ତ୍ରୀ, ମହାଜନ, ଖାତକ, ଥିଲାବାଲା, ନଥିଲାବାଲା, ବସି ଖିଆ, ଖଟିଖିଆ – ଏମିତି କେତେ ପ୍ରକାର ବାଛ ବିଚାର । ଅତ୍ୟାଚାରୀ, ଅତ୍ୟାଚାରିତ, ସମସ୍ତଙ୍କର ଭଙ୍ଗୁର ଶରୀର । ମାଟି ଦିହ ଦିନେ ମାଟିରେ ମିଶିବ । ତା' ପରେ ସର୍ବେ ଏକ ଏକାକାର । ଏକଥା ବା କିଏ ବୁଝୁଛି ? ମାନବିକତା ଆଜି ଲାଳସାର କାରାଗାରରେ ବନ୍ଦୀ । ନୀତି, ନ୍ୟାୟ, ଦୟାର୍ଦ୍ର ଭାବ – ଏ ସବୁ ଅଭିଧାନର ଶବ୍ଦ । ଅଳପ ଦିନକୁ ବଡଇ, ସର୍ବେ ବାହୁଡ଼ିବେ କାଳବଳେ, ଯଶ ରହିଥିବ ମହୀ ତଳେ । ଏ କଥାଟି ଏବେ ଅଣଦେଖା । ସର୍ବେ ଅହମିକା – ବାୟୁ ଗ୍ରସ୍ତରେ ବ୍ୟସ୍ତ । ମୁଁ, ମୁଁର ଅହଙ୍କାର । ଏଇ ତ ପତନର କାରଣ । ମଣିଷ ମଣୁଛି ସିନା ଆପଣାକୁ ବଡ଼ କରି, ମାତ୍ର ମଶକ ଯଥା-ବୃଷ ଦେହେମଣି । ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି, ତରିବାକୁ ଏଇ ସଂସାର ବାରିଧି । ଅଛି ଆଉ ଏକ ଦରବାର, ଯାହାର ସର୍ବେସର୍ବା ସ୍ୱୟଂ ଯମରାଜ । କର୍ମାନୁସାରେ ସେ ଦରବାରରେ ସ୍ଥାନ । ସେଠାରେ ମାଳିକ ଉପରେ ବସଇ ଅର୍ଦ୍ଦଳି, ସିଂହ ପରେ ଶଶା, କରଣ ଉପରେ ଚଷା / ଜଜ୍ ଉପରେ ବସଇ ଆସାମୀ ।

କେବେ ରଇତର ଆସନ ଉପରେ, ଭୂସ୍ୱାମୀର ସ୍ଥାନ ତା' ତଳେ । କର୍ମାନୁସାରେ ଫଳ । ତାହାହିଁ ପଟ୍ଟନାୟକ ଗଳ୍ପର ସାରକଥା । ଅଳ୍ପ ଦିନର ଏ ଭବଚଟି । କ'ଣ ପାଇଁ ଏ ଲୋଭ ଅହମିକା ? ମଞ୍ଚେ ଆସିଲେ କେତେ, ଗଲେ କେତେ, କେବା ସାଥିରେ ନେଲା, ହାତୀ ଘୋଡ଼ା ଦଉଲତ ? ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର । ଜିଣିବାକୁ ନଥିଲା ଆଉ ଧରାଖଣ୍ଡ । ବିଦାୟ ବେଳା, ଅଶ୍ରୁସିକ୍ତ ଚକ୍ଷୁ, ବୋଇଲେ –

"ଏ ପ୍ରାଣ
ଗଲେ ପିଣ୍ଡ ଛାଡ଼ି / ନେବ
ଯେବେ ମୋତେ କୋକେଇରେ
ବାଡ଼ି /
ଦେଇଥିବ
ତହିଁ ମୋ ଶବ ଶୁଆଇ / ବେନି
ପାଶେ ବେନି କରକୁ ଝୁଲାଇ/
ଯା ଦେଖି ଜାଣିବେ
ଜଗତେ ସମସ୍ତେ / ଆସିଥିଲି
ଫେରିଗଲି ଶୂନ୍ୟ ହସ୍ତେ ।"

ହେଲେ ମୂଢ଼ମତି, କାହୁଁ ଜାଣିବ ଏହାର ଗୂଢ଼ତତ୍ତ୍ୱ । ସତରେ !

'ମୋତି ମୂଲ କାହୁଁ
ଜାଣିବ ଶବର,
ମୋତି ଫିଙ୍ଗି କରେ
ଗୁଞ୍ଜାରେ ଆଦର ।"

ଭବରଙ୍ଗ ଭୂମିର ପ୍ରତିଟି କଥା ସେଇ ସମୟର ଖେଳ । ସର୍ବେ କାଳର ଆୟତ୍ତ । ଏକା ଜାଜ୍ୱଲ୍ୟମାନ ଯଶ, କୀର୍ତ୍ତି, ଖ୍ୟାତି କାଳକାଳକୁ ।

# ଆରୋଗ୍ୟକାରୀ ନା ଆତଙ୍କବାଦୀ

ଡ.ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି. ଏନ.ଏମ.ଏ
ମହାବିଦ୍ୟାଳୟ,
ଭଦ୍ରକ,
ମୋ: ୮୮୯୫୩୪୧୦୩୩

ଭାରତର ରାଜଧାନୀ ଦିଲ୍ଲୀର ଲାଲକିଲ୍ଲାରେ ଘଟିଥିବା ବିସ୍ଫୋରଣକୁ ନେଇ ସବୁଠି ଚର୍ଚ୍ଚା ତଥା ଆତଙ୍କ । ଦୀର୍ଘଦିନର ବ୍ୟବଧାନରେ ଭାରତର ରାଜଧାନୀରେ ଆତଙ୍କୀ କାର୍ଯ୍ୟକଳାପ ଅତ୍ୟନ୍ତ ଉଦ୍-ବେଗଜନକ । ସ୍ୱାଧୀନତାପ୍ରାପ୍ତିର ଏଯାବତ୍ ଭାରତ ସୀମାରେ ଆତଙ୍କୀ କାର୍ଯ୍ୟକଳାପ ଜାରି ରହିଥିବାସତ୍ତ୍ୱେ ବିଗତ କିଛିବର୍ଷ ହେବ ଆଭ୍ୟନ୍ତରୀଣ ଆତଙ୍କ ଆକ୍ରମଣରୁ ଦେଶ ସୁରକ୍ଷିତ ଅନୁଭବ କରୁଥିବାବେଳେ ପୁନଶ୍ଚ ରାଜଧାନୀରେ ଆତଙ୍କବାଦୀମାନେ ସେମାନଙ୍କ ଲକ୍ଷ୍ୟ ସାଧନାରେ ସଫଳ ହେବା ଏକ ଦୁଃଖଦ ଘଟଣା । ଦିଲ୍ଲୀ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଭାବେ ଫରିଦାବାଦସ୍ଥିତ ଅଲ୍-ଫଲହ ମେଡିକାଲ ମହାବିଦ୍ୟାଳୟର ଡାକ୍ତରମାନେ ଯେଉଁ ନିର୍ଭୟରେ ଆତଙ୍କୀ କାର୍ଯ୍ୟ ସମ୍ପାଦନ କରିଛନ୍ତି ତାହା ରାଷ୍ଟ୍ରୀୟ ସୁରକ୍ଷାକୁ ନେଇ ବୃହତ୍ ପ୍ରଶ୍ନ । ମୁଖ୍ୟତଃ ପୁରୁଷମାନେ ଆତଙ୍କୀ କାର୍ଯ୍ୟରେ ଲିପ୍ତଥିବା ବେଳେ ଏଥର କିନ୍ତୁ ଆତଙ୍କୀ ଗୋଷ୍ଠୀରେ ସାମିଲ ହୋଇଥିବା ନାରୀମାନଙ୍କ ଚେହେରା ସାମନାକୁ ଆସିଛି । ତାହାପୁଣି ସ୍ୱାସ୍ଥ୍ୟସେବାଧାରୀ ଡାକ୍ତରଗୋଷ୍ଠୀ । ସାଧାରଣ ଜନତା ଡାକ୍ତରଙ୍କୁ ଦ୍ୱିତୀୟ ଜୀବନ୍ତ ସ୍ରଷ୍ଟାରୂପେ ଗ୍ରହଣ କରିଥିବା ଡ଼ାକ୍ତରମାନେବି ଦେଶବିରୋଧି ଆତଙ୍କ ଭଳି ଘୃଣ୍ୟକର୍ମ କରି ସାଧାରଣ ଜୀବନକୁ କଲବଲ୍ କରି ମାରିବି ପାରନ୍ତି ! ଶରୀରକୁ ସୁସ୍ଥ ଏବଂ ସୁରକ୍ଷିତ ରଖିବାପାଇଁ ଖାଦ୍ୟ ଓ ବିଶ୍ରାମ ଯେତିକି ଜରୁରୀ ତାଠାରୁ ଅଧିକ ଜରୁରୀ ନିରୋଗପୂର୍ଣ୍ଣତା । ବେଳେବେଳେ ରୋଗ ତଥା ଭୟଙ୍କର ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିବା ଶରୀରପାଇଁ ଉପଚାର ଆବଶ୍ୟକ । ବିନା ଉପଚାରରେ ଶରୀରରେ ନା ରୋଗ ଦୂରହେବ ନା ଦୁର୍ଘଟଣାର ଉପଶମ ସମ୍ଭବ । ଆରୋଗ୍ୟପାଇଁ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରୋଗ ହେଉକି ଦୁର୍ଘଟଣା, ଶରୀରପାଇଁ ଆରୋଗ୍ୟ ସର୍ବପ୍ରଥମ । ବୟସର ଅପରାହ୍ନରେ ପାଦ ଦେଇଥିବା ବୃଦ୍ଧବୃଦ୍ଧା, ଜୀର୍ଣ୍ଣଶୀର୍ଣ୍ଣ ତଥା ଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷଟେ ମଧ୍ୟ ଟିକେ ଖୁସିରେ ଜିଇଁବାକୁ ଚାହେଁ । ସେଥିପାଇଁ ଭେଷଜ ବିଜ୍ଞାନ ଓ ଭେଷଜ ବିଶେଷଜ୍ଞମାନେ ସମାଜରେ ସଦାସର୍ବଦା ବୃହତ୍ ଭୂମିକା ଗ୍ରହଣ କରିଆସୁଛନ୍ତି । ମାନବ ସେବା ହିଁ ମାଧବ ସେବା । ଆରୋଗ୍ୟ ବିଶ୍ୱର ଶ୍ରେଷ୍ଠ ସେବାରେ ଅନ୍ତର୍ଭୁକ୍ତ । ଅନେକ ସମୟରେ ଭେଷଜ ଉପଚାର ଦ୍ୱାରା ଗୋଟେ ଜୀବନକୁ ବଞ୍ଚେଇ ରଖିବାର ଆନ୍ତରିକ ପ୍ରୟାସକୁ ଆରୋଗ୍ୟ କୁହାଯାଏ ।

ପ୍ରାଚୀନ କାଳରେ ଚେରମୂଳି ରୋଗର ନିବାରକ ବା ନାଶକଭାବେ ଗ୍ରହଣ କରି ଶାରିରୀକ ସୁସ୍ଥତା ଅନୁଭବ କରାଇବାରେ ବୈଦ୍ୟମାନଙ୍କର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମୟକ୍ରମେ ବିକଶିତ ମଣିଷ ମଧ୍ୟ ତା ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେଲା; ବିଶେଷ କରି ମହାମାରୀ ରୋଗ ସହ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ଗୁରୁତର ଶାରିରୀକ ଦୁର୍ଘଟଣାର ଉପଶମ ନିମନ୍ତେ ଅସ୍ତ୍ରପ୍ରଚାରପୂର୍ବକ ଅଙ୍ଗପ୍ରତ୍ୟଙ୍ଗର ଥଇଥାନ କରି ଶାରିରୀକ ଯନ୍ତ୍ରଣାକୁ କିପରି କାବୁ କରାଯିବ ସେଥିପାଇଁ ବିଭିନ୍ନ ଔଷଧ ପ୍ରସ୍ତୁତି ସହ ଅସ୍ତ୍ରପ୍ରଚାର ମାଧ୍ୟମରେ ବିଭିନ୍ନ ରୋଗ ଉପରେ ବିଜୟପ୍ରାପ୍ତ କଲା । ଧୀରେଧୀରେ ଭେଷଜ ବିଜ୍ଞନର ଆଦର ଏବଂ ଚାହିଦା ବଢିଲା । ତାର ପୃଷ୍ଠପୋଷକ ସାଜିଲେ କିଛି ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଗଣ । ରୋଗରେ ପିଡୀତ ଜନତା ସାଜିଲେ ରୋଗୀ, ସେମାନଙ୍କୁ ଆରୋଗ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ଡାକ୍ତର ଏବଂ ରୋଗୀ ଓ ଡ଼ାକ୍ତରଙ୍କ ଆରୋଗ୍ୟ ସ୍ଥାନ ଡ଼ାକ୍ତରଖାନାଭାବେ ପରିଚିତ ହେଲା । ଉଭୟ ବେସରକାରୀ ଓ ସରକାରୀ ସ୍ତରରେ ଆରମ୍ଭ ହେଲା ଡାକ୍ତରୀସେବା । ପ୍ରଥମେ ଡ଼ାକ୍ତରସେବାକୁ ଜୀବନର ବ୍ରତଭାବେ ଆଖିରେ ରଖି କାର୍ଯ୍ୟରତ ଡାକ୍ତରମାନେ ପରବର୍ତ୍ତୀ ସମୟରେ ସେବା ବଦଳରେ ରୋଗୀଙ୍କୁ ଶୋଷିବାରେ ଲାଗି ପଡ଼ିଲେ । ଡ଼ାକ୍ତର ଡିଗ୍ରୀଧାରୀ ନିଜନିଜର ବ୍ୟକ୍ତିଗତ କ୍ଲିନିକ୍ ଖୋଲି ଆର୍ଥିକ ସ୍ୱଚ୍ଛଳ ପରବାରଙ୍କୁ ଶୀଘ୍ର ସ୍ୱାସ୍ଥ୍ୟସେବା ଯୋଗାଇ ଅଧିକ ରୋଜଗାର କରିବାର ମନୋବୃତ୍ତିର ରୂପରେଖ ବ୍ୟକ୍ତିଗତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ । ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇବା ଲକ୍ଷ୍ୟରେ ଲୋକ ସରକାର ଡାକ୍ତରଖାନା ପରିବର୍ତ୍ତେ ବେସରକାରୀ ଡାକ୍ତଖାନାଗୁଡ଼ିକରେ ଭିଡ଼ ଜମାଇଲେ । ଅତ୍ୟାଧୁନିକ ଯନ୍ତ୍ରପାତି ସହ ଆଶୁଚିକିତ୍ସାର ତୁରନ୍ତ ସ୍ୱାସ୍ଥ୍ୟସେବା ଆଶାରେ ସଭିଏଁ ଧାଇଁଲେ ବେସରକାରୀ ଡାକ୍ତରଖାନା । ମଳ,ମୂତ୍ର ରକ୍ତର ନମୁନା ସଂଗ୍ରହ କରି ତାକୁ ପରୀକ୍ଷା କରାଇବା ଅଧିକାଂଶ ରୋଗର ପ୍ରାଥମିକ ସୋପାନ । ଯା ବିନା ରୋଗର ନିରାକରଣ ସମ୍ଭବ ନୁହେଁ । ତାସହ ଯାବତୀୟ ପରୀକ୍ଷା କରାଇବା ଡାକ୍ତରଙ୍କ ମୁଖ୍ୟ ପରାମର୍ଶ । ସେସବୁ ସମ୍ପୂର୍ଣ୍ଣ ହେଲେ ରିପୋର୍ଟ ଦେଖି ଡକ୍ଟର ଲେଖିବେ ଔଷଧ । ସ୍ୱାସ୍ଥ୍ୟ ସମସ୍ୟା ଓ ତାର ସମାଧାନ ଆଜିର ମୁଖ୍ୟ ବିଷୟ । ସ୍ୱାସ୍ଥ୍ୟ ହିଁ ସମ୍ପଦ, ସୁସ୍ଥ ରହିଲେ ଜ୍ଞାନ-ଧନ-ମାନ ସବୁ ପାଇବା ଲକ୍ଷ୍ୟରେ ଡାକ୍ତର, ଡାକ୍ତରଖାନା ଓ ଔଷଧର ଚାହିଦା ଆକାଶ ଛୁଆଁ । ସାଧାରଣ ଜନତାଙ୍କ ମୃତ୍ୟୁ ତଥା ରୋଗର ଭୟ ଦେଖେଇ ଅର୍ଥ ଶୋଷଣ କରିବାର ସବୁ କୌଶଳରେ ଡାକ୍ତରମାନେ ସିଦ୍ଧହସ୍ତ । ଗୁରୁତର ରୋଗୀଙ୍କୁ ଆଡମିଟ୍ କରି ମୃତବ୍ୟକ୍ତିକୁ ଆଇସିୟୁରେ ମାସମାସ ରଖି ଆରୋଗ୍ୟର ମିଛି ନାଟକ କରି ମୋଟାଅଙ୍କର ଅର୍ଥ ଶୋଷିବାରେ ଏମାନେ ମାହିର୍ । ଏମାନଙ୍କ ଦୌରମ୍ୟ ନକହିବା ଭଲ । ଏମାନଙ୍କ ପାଇଁ ଜୀବନ ଅପେକ୍ଷା ଟଙ୍କା ଅଧିକ ମୂଲ୍ୟବାନ । ଅର୍ଥ ନିକଟରେ ନୈତିକତାର ସ୍ଥାନ ନାହିଁ । ଏହା ଡାକ୍ତରଙ୍କ ନିତିଦିନିଆ ଘଟଣା । ରୋଗୀଙ୍କୁ ଶୋଷଣ କରୁକରୁ ଡାକ୍ତରମାନେ ଦେଶରେ ଆତଙ୍କ ସୃଷ୍ଟିକରିବା ଏକ ବିରଳ ଦୃଷ୍ଟାନ୍ତ । ଯାହା ଅରୋଗ୍ୟ ଉହାଡରେ ଆତଙ୍କବାଦ କାର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଯେଉଁ ଡ଼ାକ୍ତରମାନେ ଦେଶର ପ୍ରାକୃତିକ ତଥା ଦୁଃର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଚିକିତ୍ସା ମାଧ୍ୟମରେ ନୂଆ ଜୀବନ ଦିଅନ୍ତି ସେମାନେ କିପରି ଆତଙ୍କ ଭଳି ଆକ୍ରମଣରେ ଜନତାଙ୍କ ଅସ୍ତିତ୍ୱକୁ ଲୋପକରନ୍ତି !

ଭାରତର ପ୍ରଭୁତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷାକରିବା ହେଉଛି ସୁରକ୍ଷାକର୍ମୀଙ୍କ ଠାରୁ ସାଧାରଣ ଜନତାପର୍ଯ୍ୟନ୍ତ । ସବୁର ଉର୍ଦ୍ଧ୍ୱରେ ଦେଶର ଏକତା ଓ ସୁରକ୍ଷା । ପ୍ରତ୍ୟେକ ପ୍ରଗତିଶୀଳ ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷା ହିଁ ଅର୍ଥନୈତିକ ମାନଦଣ୍ଡ । କିନ୍ତୁ କିଛି ଭାରତୀୟଙ୍କ ମଧ୍ୟରେ ଜାତୀୟତାବାଦ ଅପେକ୍ଷା ସାମ୍ପ୍ରଦାୟିକ ମନୋଭାବ ବହୁମାତ୍ରାରେ । ମାଟିର ମୋହ କମ୍ କିନ୍ତୁ ଭାରତକୁ କବଜା କରିବାପାଇଁ କେଉଁ ପ୍ରାଚୀନକାଳରୁ ପ୍ରୟାସ ଓ ଷଡ଼ଯନ୍ତ୍ର ଚାଲିଛି ତାର ସମସ୍ତ ଐତିହାସିକ ତଥ୍ୟ ଆମ ସମ୍ମୁଖରେ । ସମସ୍ତଙ୍କର ସେଇ ଗୋଟେ ଲକ୍ଷ୍ୟ ନିଜର ସାମ୍ପ୍ରଦାୟିକ ଆଧିପତ୍ୟ ବିସ୍ତାର । ଭାରତୀୟ ସଭ୍ୟତାସଂସ୍କୃତିକୁ ନଷ୍ଟଭ୍ରଷ୍ଟ କରି ଭାରତୀୟଙ୍କ ମଧ୍ୟରେ ଅରାଜକତା, ଦ୍ୱନ୍ଦ, ହିଂସା, ଘୃଣାର ମଞ୍ଜିବୁଣି ଏକତାକୁ ନଷ୍ଟକରାଇବା, ଭାରତୀୟଙ୍କୁ ଉଦ୍ଦେଶ୍ୟମୂଳକଭାବେ ଦମନ କରିବା ତଥା ଭାରତର ଅର୍ଥନୀତିକୁ ଧ୍ୱଂସବିଧ୍ୱଂସ କରି ଆତଙ୍କ ସୃଷ୍ଟି କରିବା ସେମାନଙ୍କର ମୂଳଲକ୍ଷ୍ୟ । ସବୁ ଅରାଜକତା, ଆକ୍ରମଣ, ଧର୍ମଘଟ, ଅସହିଷ୍ଣୁତା ପଛରେ ଭାରତରେ ଲୁଚି ରହିଥିବା ସାମ୍ପ୍ରଦାୟିକ ଶତ୍ରୁମାନେ ବୃହତ୍ ଭୂମିକା ଗ୍ରହଣ କରିଆସିଛନ୍ତି । ମିଛ ଭାଇଚାରା ଓ ସରଳତାର ସୁଯୋଗ ନେଇ ସେମାନଙ୍କର ଲକ୍ଷ୍ୟ ସାଧନାରେ ସେମାନେ ବ୍ୟସ୍ତ । ଧର୍ମନିରପେକ୍ଷତା ଓ ମାନବୀୟ ଅଧିକାରକୁ ଅସ୍ତ୍ରକରି ଭାରତରେ ଜାତି,ବର୍ଣ୍ଣ ଓ ଧର୍ମ ମଧ୍ୟରେ ଯେଉଁ ଘଟଣାମାନ ସବୁ ଘଟେଇ ଚାଲିଛନ୍ତି ତାହା ଜଳଜଳ ହୋଇ ଦିଶୁଛି । ଭାରତରେ ଉଚ୍ଚଶିକ୍ଷିତ ବିଭିନ୍ନ ବୃତ୍ତିଧାରୀ ଯୁବକଯୁବତୀ ମହିଳା ଏବଂ ବୟୋଜ୍ୟେଷ୍ଠ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତରହିବା ଏକ ବିଛିନ୍ନତାବାଦର ମାନସିକତା । ଶତ୍ରୁରାଷ୍ଟ୍ରର ଜୟଜ୍ଞାନ ସହ ଧାର୍ମିକ ହୀନମନ୍ୟତାର ପ୍ରିୟାପ୍ରୀତି ତୋଷଣପୂର୍ବକ ଆତଙ୍କୀ ସୃଷ୍ଟି କରିଚାଲିଛନ୍ତି । ଆଜିର ବିଶ୍ୱରେ ଧାର୍ମିକ-ଆତଙ୍କୀ ବଡ ସମସ୍ୟାରୂପେ ମୁଣ୍ଡଟେକି ବିଶ୍ୱକୁ ଡରାଇ ଚାଲିଛି । ସେଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି ଶିକ୍ଷିତବର୍ଗ । ଡାକ୍ତରବୃତ୍ତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟସେବା କର୍ମଚାରୀ । କୁହାଯାଏ ଆତଙ୍କର କୌଣସି ଜାତିଧର୍ମ ନାହିଁ କିନ୍ତୁ ଭାରତ ବର୍ଷରେ ହେଉଥିବା ପ୍ରତ୍ୟେକ ଆତଙ୍କୀ କାର୍ଯ୍ୟକଳାପ ଏକ ଧାର୍ମିକ ଗୋଷ୍ଠୀର ସୁଚିନ୍ତିତ ପରିକଳ୍ପନାର ପରିଭାଷା ।

ଭାରତର ଶାନ୍ତିଶୃଙ୍ଖଳା ଭଙ୍ଗସହ ଆତଙ୍କ କାର୍ଯ୍ୟକଳାପକୁ ରୂପଦେବାର ଲାଗିଛନ୍ତି ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକଯୁବତୀମାନେ । ଆଶ୍ଚର୍ଯ୍ୟର ବିଷୟ ! ଏତେ ଗୁଇନ୍ଦା ବିଭାଗସତ୍ତ୍ୱେ ଭାରତରେ କାହିଁକି ବାରମ୍ବାର ଆତଙ୍କୀ କାର୍ଯ୍ୟକଳାପ ଘଟିଚାଲିଛି ? କାହିଁକି ଏତେ ପ୍ରତିହିଂସା ? ଭାରତର ଏକତା ହେଉଛି ଆମର ସୁରକ୍ଷା କବଚ । ଏହାର କାଣିଚାଏ ଅବହେଳାର ପରିଣାମ ଆମକୁ ଭୋଗିବାକୁ ପଡୁଛି । ରାଷ୍ଟ୍ରପାଇଁ ପ୍ରତି ମୁହୂର୍ତ୍ତ ଏକ ଘଡିସନ୍ଧି ମୁହୂର୍ତ୍ତ । ଏ ଦେଶକୁ, ମହାନ ସଭ୍ୟତାକୁ, ସଂସ୍କୃତି ତଥା ଗାରିମାକୁ ବଞ୍ଚାଇରଖିବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ । କାରଣ ଦେଶର ସୁରକ୍ଷାରେ ଆମ ସଭିଙ୍କର ଅସ୍ତିତ୍ୱ ଲୁଚି ରହିଛି । ଜାତି ଓ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଲଢେଇର ଅନ୍ତହେବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରିତ ହୋଇପାରୁନି । ଯେଉଁଠି ସାମ୍ପ୍ରଦୟିକ ହିଂସାକାଣ୍ଡକୁ ଭିଆଇବାକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ସଦାସର୍ବଦା ଚେଷ୍ଟିତ ଏବଂ ଯୋଜନାବଦ୍ଧ ସେଠି କିଏ କଣ କରିପାରିବ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ନଭେମ୍ବର, ସୋମବାର, ୨୦୨୫


# ମନ୍ଧାନାଙ୍କୁ ମିଳିଲା ୫୦ ଲକ୍ଷ ପୁରସ୍କାର



**ମୁମ୍ବାଇ**

ମହାରାଷ୍ଟ୍ର କ୍ରିକେଟ ଆସୋସିଏସନ (ଏମ୍‌ସିଏ) ପକ୍ଷରୁ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏମ୍‌ସିଏ ପକ୍ଷରୁ ମନ୍ଧାନାଙ୍କୁ ୫୦ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଭାରତୀୟ ମହିଳା ଦଳର ବିଶ୍ୱକପ୍ ବିଜୟରେ ମନ୍ଧାନାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୮ ମ୍ୟାଚ୍‌ରେ ୫୪.୨୫ ଆଭରେଜରେ ୪୩୪ ରନ କରିଥିଲେ।

# ୩୦ ରନ୍‌ରେ ଜିତିଲା ଦକ୍ଷିଣ ଆଫ୍ରିକା

## ଇଡେନ୍‌ରେ ଭାଙ୍ଗିଲା ୫୩ ବର୍ଷର ରେକର୍ଡ



**କୋଲକାତା**

ତେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଜିତିଛି। କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚରେ ଭାରତକୁ ୩୦ରନ୍‌ରେ ପରାସ୍ତ କରିଛି ଭ୍ରମଣକାରୀ ଦଳ। ହାର୍ମରଙ୍କ ଆଗରେ ଆତ୍ମସମର୍ପଣ କରିଛି ଟିମ୍ ଇଣ୍ଡିଆ। ୧୨୪ରନ୍ ଚେଜ୍ କରିପାରିଲା ନାହିଁ ଭାରତ। ଫଳରେ କୋଲକାତା ଟେଷ୍ଟ ଜିତି ନେଇଛି ଦକ୍ଷିଣ ଆଫ୍ରିକା। ଏହି ଦମ୍‌ଦାର ବିଜୟ ସହିତ, ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ଖାଲି ସେତିକି ନୁହେଁ ଇଡେନ ଗାର୍ଡେନରେ ୫୩ ବର୍ଷର ପୁରୁଣା ରେକର୍ଡ ମଧ୍ୟ ଭାଙ୍ଗିଛି। ଘରୋଇ ମାଟିରେ ୧୨୪ରନ୍ କରିପାରିନାହିଁ ଟିମ୍ ଇଣ୍ଡିଆ। ଭାରତୀୟ ବ୍ୟାଟରଙ୍କର ନୈରାଶ୍ୟ-ଜନକ ପ୍ରଦର୍ଶନ ପରାଜୟର କାରଣ ହୋଇଛି। ଭାରତର ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର ୪ଟି ୱିକେଟ ନେଇଛନ୍ତି।

ପ୍ରଥମ ଟେଷ୍ଟରେ ସାଉଥ ଆଫ୍ରିକା ୩୦ରନ୍ ବିଜୟୀ ହୋଇଛି। ଭାରତ ୯୩ ରନ୍‌ରେ ଅଲଆଉଟ ହୋଇଛି। ମୁକାବିଲାର ତୃତୀୟ ଦିନ ଅର୍ଥାତ ରବିବାର ଦ୍ୱିତୀୟ ସେସନ୍ ସମାପ୍ତ ହୋଇଛି। ସାଉଥ୍ ଆଫ୍ରିକା ସ୍ପିନର ସାଇମନ ହାର୍ମର ଏହି ମୁକାବିଲାରେ ଦଳ ପାଇଁ ଦୁଇପାଳିରେ ୪ଟି ଲେଖାଏଁ ହିସାବରେ ୮ ୱିକେଟ ଅକ୍ତିଆର କରିଛନ୍ତି। ମୁକାବିଲାରେ ଦିନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟକ ତେମ୍ବା ବଭୁମା। ପ୍ରଥମ ପାଳିରେ ଦଳ କେବଳ ୧୫୯ ରନ୍ କରିଥିଲା। ଜବାବରେ ଭାରତ ୧୮୯ରନ୍ କରିଥିଲା। ପ୍ରଥମ ଇନିଂସ ଆଧାରରେ ଭାରତ ୩୦ରନ୍ ଲିଡ୍ କରୁଥିଲା। ଦ୍ୱିତୀୟ ପାଳିରେ ଦକ୍ଷିଣ ଆଫ୍ରିକା ୧୫୩ରନ୍ କରି ଭାରତ ଆଗରେ ୧୨୪ରନ୍ ଟାର୍ଗେଟ ସେଟ୍ କରିଥିଲା। ହେଲେ ଭାରତୀୟ ବ୍ୟାଟର ହାର୍ମରଙ୍କ ଆଗରେ ସରେଣ୍ଡର କରିଥିଲେ। ମାତ୍ର ୯୩ରନରେ ଅଲଆଉଟ ହୋଇଥିଲା ଇଣ୍ଡିଆ। ରିଟାୟାର୍ଡ ହର୍ଟ ଅଧିନାୟକ ଶୁବମନ ଗିଲ ଖେଳିନଥିଲେ। ୱାଶିଂଟନ ସୁନ୍ଦର ୯୩ ବଲରେ ୩୧ ରନ୍ କରିଥିଲେ। ହେଲେ ତାଙ୍କୁ ଅନ୍ୟ ବ୍ୟାଟରଙ୍କ ସାଥ୍ ମିଳିନଥିଲା। ଜୈସ୍ୱାଲ ଖାତା ଖୋଲି ପାରିନଥିଲେ। କେଏଲ ରାହୁଲ ୧ ରନ୍, ଧ୍ରୁବ ଜୁରେଲ ୧୩ରନ୍, ରିଷଭ ପନ୍ତ ୨ ରନ୍, ଜାଡ଼େଜା ୧୮ରନ୍ କରି ଆଉଟ ହୋଇଥିଲେ। ମାର୍କୋ ଜନସନ ୨ଟି, କେଶବ ମହାରାଜା ୨ଟି ଓ ମାକ୍ରନ ଗୋଟି ୱିକେଟ ହାସଲ କରିଥିଲେ।

କୋଲକାତାର ଇଡେନରେ ସାଉଥ ଆଫ୍ରିକା ଐତିହାସିକ ବିଜୟ ହାସଲ କରିଛି। ଇଡେନ ଗାର୍ଡେନରେ ୫୩ ବର୍ଷର ପୁରୁଣା ରେକର୍ଡ ମଧ୍ୟ ଭାଙ୍ଗିଛି। ଦକ୍ଷିଣ ଆଫ୍ରିକା ଇଡେନ ଗାର୍ଡେନରେ ସର୍ବନିମ୍ନ ସମୁଦାୟ ସ୍କୋରକୁ ଡିଫେଣ୍ଡ କରି ଏହି ରେକର୍ଡ ହାସଲ କରିଛି। ପ୍ରଥମ ଟେଷ୍ଟ ହାରିବା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ୨୦୨୩-୨୫ ପୂର୍ବରୁ ଭାରତୀୟ ଟିମ୍ ଖାତାରେ ୫୪.୧୭% ପଏଣ୍ଟ ରହିଛି। ପଏଣ୍ଟ ଟେବୁଲ ତୃତୀୟ ନମ୍ବରରୁ ଚତୁର୍ଥକୁ ଖସି ଆସିଛି। ଅଷ୍ଟ୍ରେଲିଆ ନମ୍ବର ୱାନରେ ରହିଛି। ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ନଭେମ୍ବର ୨୨ରେ ଗୌହାଟିରେ ଖେଳାଯିବ।

# ପୁଅର ପ୍ରଥମ ଜନ୍ମଦିନ ପାଳିଲେ ରୋହିତ ଶର୍ମା



**ମୁମ୍ବାଇ**

କ୍ରିକେଟର ରୋହିତ ଶର୍ମାଙ୍କ ପୁଅ ଆହାନ ଶର୍ମା ୧୫ ନଭେମ୍ବର ୨୦୨୪ରେ ଜନ୍ମଗ୍ରହଣ କରିଥିଲେ। ଆହାନ ତାଙ୍କର ଦ୍ୱିତୀୟ ସନ୍ତାନ। ରୋହିତ ତାଙ୍କ ସ୍ତ୍ରୀ ରିତିକା ଏବଂ ଝିଅ ସହିତ ଆହାନର ପ୍ରଥମ ଜନ୍ମଦିନ ପାଳନ କରିଛନ୍ତି। ସେ ରିତିକାଙ୍କ ସହିତ ପ୍ରଶଂସକଙ୍କ ପାଇଁ ଏକ ଫଟୋ ଶେୟାର କରିଛନ୍ତି।

ଗୋଟିଏ ଫଟୋରେ, ସେମାନଙ୍କ ପୁଅ, ଆହାନ ଖେଳଣା ସହିତ ଖେଳୁଛନ୍ତି, ଯଦିଓ ରୋହିତ ତାଙ୍କ ପୁଅର ମୁହଁ ଦେଖାଇନାହାନ୍ତି। ଅନ୍ୟ ଏକ ଫଟୋରେ, ରିତିକା ବାଲକୋନିରେ ତାଙ୍କ ପୁଅକୁ ଧରି ଠିଆ ହୋଇଛନ୍ତି, ତାଙ୍କ ଝିଅ ତାଙ୍କ ପାଖରେ ଅଛି। ଅନ୍ୟ ଏକ ଫଟୋରେ ରୋହିତ ଶର୍ମା, ତାଙ୍କ ସ୍ତ୍ରୀ, ସେମାନଙ୍କ ଝିଅ ଏବଂ ପୁଅ, ଆହାନଙ୍କୁ ରିତିକାଙ୍କ କୋଳରେ ଦେଖାଯାଉଛି। ଏହି ଫଟୋଗୁଡ଼ିକୁ ଶେୟାର କରି ରୋହିତ ଶର୍ମା କ୍ୟାପଶନରେ ଲେଖିଛନ୍ତି, 'ଆମର ପୁଅ ଗୋଟିଏ ବର୍ଷର। ମୁଁ ଜାଣିନି ସମୟ ଏତେ ଶୀଘ୍ର କିପରି ବିତିଗଲା, କିନ୍ତୁ ଆମେ ପ୍ରତ୍ୟେକ ମୁହୂର୍ତ୍ତକୁ ଭଲ ପାଇଛୁ।

ଭାରତ ବନାମ ଦକ୍ଷିଣ ଆଫ୍ରିକା ଓଡିଆଇ ସିରିଜ ନଭେମ୍ବର ୩୦ରେ ଆରମ୍ଭ ହେଉଛି, ଯେଉଁଥିରେ ରୋହିତ ଶର୍ମାଙ୍କୁ ଖେଳୁଥିବାର ଦେଖାଯିବ। ଏହା ଉଲ୍ଲେଖନୀୟ ଯେ, ପୂର୍ବତନ ଅଧିନାୟକ ରୋହିତ ଏବେ କେବଳ ଓଡିଆଇ ଫର୍ମାଟରେ ଖେଳନ୍ତି। ସେ ଟେଷ୍ଟ ଏବଂ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି।

ଓଡିଆଇ ସିରିଜର ପ୍ରଥମ ମ୍ୟାଚ୍ ରାଞ୍ଚି (ଜେଏସସିଏ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ)ରେ ଖେଳାଯିବ। ଦ୍ୱିତୀୟ ଓଡିଆଇ ଡିସେମ୍ବର ୩ରେ ରାୟପୁର (ଶହୀଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ)ରେ ଖେଳାଯିବ, ଏବଂ ତୃତୀୟ ଓଡିଆଇ ଡିସେମ୍ବର ୬ରେ ବିଶାଖାପାଟଣାରେ ଖେଳାଯିବ।

# ଇଡେନ୍ ଗାର୍ଡେନ୍ସ ପିଚ୍ ବିବାଦ : ବଡ଼ ବୟାନ ଦେଲେ ସୌରଭ ଗାଙ୍ଗୁଲି



**କୋଲକାତା**

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାରେ ଖେଳାଯାଇ ଥିବା ପ୍ରଥମ ଟେଷ୍ଟ ମ୍ୟାଚ୍ ତିନି ଦିନରୁ କମ୍ ସମୟ ମଧ୍ୟରେ ଶେଷ ହେବା ପରେ ପିଚ୍‌କୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। କୌଣସି ଦଳ ଗୋଟିଏ ବି ଇନିଂସରେ ୨୦୦ ରନ୍ ଅତିକ୍ରମ କରିପାରି ନଥିବାରୁ ଇଡେନ୍ ଗାର୍ଡେନ୍ସର କ୍ୟୁରେଟର୍ ସୁଜନ ମୁଖାର୍ଜୀଙ୍କୁ ଅନେକେ ଦାୟୀ କରିଛନ୍ତି। ତେବେ ଏହି ବିବାଦ ମଧ୍ୟରେ ବେଙ୍ଗଲ କ୍ରିକେଟ୍ ଆସୋସିଏସନ୍ (ସିଏବି)ର ସଭାପତି ତଥା ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ବଡ଼ ଖୁଲାସା କରିଛନ୍ତି।

ସୌରଭ ଗାଙ୍ଗୁଲି କହିଛନ୍ତି ଯେ, ଏହି ପିଚ୍‌କୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରାଯାଇଥିଲା। ତେଣୁ ଏଥିପାଇଁ କ୍ୟୁରେଟର୍ ସୁଜନ ମୁଖାର୍ଜୀଙ୍କୁ ଦୋଷ ଦେବାର କୌଣସି କାରଣ ନାହିଁ।

ଗାଙ୍ଗୁଲି ଗଣମାଧ୍ୟମକୁ କହିଛନ୍ତି, "ଏହି ପିଚ୍ ଭାରତୀୟ ଦଳ ଯାହା ଚାହୁଁଥିଲା, ତାହା ହିଁ। ପିଚ୍‌ରେ ଚାରି ଦିନ ଧରି ପାଣି ନ ଦେଲେ ଏମିତି ହିଁ ହୁଏ। କ୍ୟୁରେଟର୍ ସୁଜନ ମୁଖାର୍ଜୀଙ୍କୁ ଦାୟୀ କରାଯାଇ ପାରିବ ନାହିଁ।"

ପୂର୍ବତନ ଭାରତୀୟ ୱିକେଟ୍ କିପର ବ୍ୟାଟର ଦିନେଶ କାର୍ତ୍ତିକ ମଧ୍ୟ ଏହି କଥାକୁ ଦୋହରାଇଛନ୍ତି। ସେ କହିଛନ୍ତି ଯେ, ମ୍ୟାଚ୍‌ର ପୂର୍ବ ରାତିରେ ପିଚ୍‌ରେ ପାଣି ଦିଆଯାଇ ନଥିବାରୁ ଏହା ଏତେ ଶୀଘ୍ର ଫାଟିଗଲା। ଦକ୍ଷିଣ ଆଫ୍ରିକାର ବ୍ୟାଟିଂ କୋଚ୍ ଆଶୱେଲ ପ୍ରିନ୍ସ ସ୍ୱୀକାର କରିଛନ୍ତି ଯେ, ଏଭଳି ପିଚ୍ ବିଶ୍ୱାସ ହରାଇଛି, କାରଣ ବଲ୍ ହଠାତ୍ ଉଠୁଛି କିମ୍ବା ତଳେ ରହୁଛି। ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ପେସର୍ ଭର୍ନନ୍ ଫିଲାଣ୍ଡର୍ କହିଛନ୍ତି, "ପିଚ୍ ବିଷୟରେ ନୁହେଁ, ଖେଳାଳିଙ୍କ ବିଷୟରେ ଆଲୋଚନା କରନ୍ତୁ। ଟେଷ୍ଟ କ୍ରିକେଟ୍ ହେଉଛି ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇବା।"

ପୂର୍ବତନ ଭାରତୀୟ ସ୍ପିନର ହରଭଜନ ସିଂହ ଏହି ପିଚ୍‌କୁ ନେଇ ନୈରାଶ୍ୟ ପ୍ରକାଶ କରିବା ସହ ଭବିଷ୍ୟବାଣୀ କରିଛନ୍ତି ଯେ, "ଯଦି ଆମେ ଏପରି ପିଚ୍ ଦେବା ଜାରି ରଖିବା, ତେବେ ଟେଷ୍ଟ କ୍ରିକେଟ୍ ମରିବା ପାଇଁ ପ୍ରତିପକ୍ଷଙ୍କ ଆବଶ୍ୟକତା ନାହିଁ; ଆମେ ନିଜେ ଏହାକୁ ମାରିଦେବା।" ତେବେ ଆଇସିସି ଏହି ପିଚ୍‌କୁ 'ପୁଅର' ରେଟିଂ ଦେବା ସହ ଇଡେନ୍ ଗାର୍ଡେନ୍ସକୁ ଡିମେରିଟ୍ ପଏଣ୍ଟ ଦେବାର ସମ୍ଭାବନା ରହିଛି।

# ବରଗଡ଼ରେ କ୍ରିକ୍ କିଙ୍ଗଡମ୍ ଉଦ୍‌ଘାଟିତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଅଗ୍ରଣୀଶିକ୍ଷାନୁଷ୍ଠାନ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର କ୍ରିକେଟ ପଡ଼ିଆରେ ରୋହିତ ଶର୍ମା କ୍ରିକେଟ ଏକାଡେମୀଦ୍ୱାରା ପରିଚାଳିତ କ୍ରିକ କିଙ୍ଗଡମ ଉଦ୍‌ଘାଟିତ ହୋଇଯାଇଛି। ମହାନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ରୋହିତ ଶର୍ମାଙ୍କ ଭାଇ ବିଶାଲ ଶର୍ମା ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବରଗଡ଼ ଅଞ୍ଚଳର ପ୍ରତିଭା ସମ୍ପନ୍ନ କ୍ରିକେଟ ଖେଳାଳିମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିବାର ସୁଯୋଗ ଦେବା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏକାଡେମୀର ଗୁରୁରାଜଜୀ କ୍ରିକେଟ ଉପରେ କୁଇଜ କରି ବିଜେତା ଛାତ୍ରଛାତ୍ରୀଙ୍କୁ ରୋହିତ ଶର୍ମା ସ୍ୱାକ୍ଷରିତ ବ୍ୟାଟ ପୁରସ୍କୃତ କରିଥିଲେ। ବୈଦିକ ଶିକ୍ଷା ସମୂହର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ବରଗଡ଼ ପାଇଁ ଏହା ଇତିହାସ ରଚିବ ବୋଲି ଆଶା ପ୍ରକାଶ କରିଥିଲେ। ବରଗଡ଼ ବୈଦିକ ସ୍କୁଲର ଅଧକ୍ଷା ଗାର୍ଗୀ ଚଟର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଶାଳ ଶର୍ମା ଛାତ୍ରଛାତ୍ରୀମାନଙ୍କ ସଙ୍ଗେ କିଛି ସମୟ କ୍ରିକେଟ ଖେଳି ସେମାନଙ୍କ ଉତ୍କଣ୍ଠା ବଢ଼ାଇଥିଲେ। ବରଗଡ଼ରେ ଏହିପରି କାର୍ଯ୍ୟକ୍ରମ କେବେ ହୋଇ ନ ଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ପରିଲକ୍ଷିତ ହୋଇଥିଲା।

# ପରାଜୟ ପାଇଁ ପିଚ୍ ନୁହେଁ ଖେଳାଳି ଦାୟୀ : ଗମ୍ଭୀର



**କୋଲକାତା**

ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟେଷ୍ଟ ମ୍ୟାଚ୍ ହାରିବା ପରେ ଚାରିଆଡ଼ୁ ସମାଲୋଚନାର ସରବ୍ୟ ହୋଇଛି ଭାରତୀୟ ଦଳ। ସମସ୍ତେ ପଚାରୁଛନ୍ତି ଯେ ସ୍ପିନ୍ ଖେଳିବାରେ ମାହିର ଭାରତୀୟ ବ୍ୟାଟ୍ସମ୍ୟାନମାନେ ଦକ୍ଷିଣ ଆଫ୍ରିକା ସ୍ପିନ୍ ଆକ୍ରମଣ ଆଗରେ ଆତ୍ମସମର୍ପଣ କଲା କିପରି ?

ମ୍ୟାଚ୍ ପରେ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଗଣମାଧ୍ୟମ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନେ ତାଙ୍କୁ ବିଭିନ୍ନ କଡ଼ା ପ୍ରଶ୍ନ କରିଥିଲେ। କିନ୍ତୁ ଗମ୍ଭୀର ସ୍ପଷ୍ଟ ଭାବରେ କହିଥିଲେ ଯେ ପିଚ୍‌ଟି ତାଙ୍କର ମନମୁତାବକ ଥିଲା। ଏଣୁ ପରାଜୟ ସମ୍ପୂର୍ଣ୍ଣ ଭାବରେ ଖେଳାଳିମାନଙ୍କ ଖରାପ ପ୍ରଦର୍ଶନ ପାଇଁ ହୋଇଛି।

ବିପଜ୍ଜନକ ଇଡେନ ଗାର୍ଡେନ୍ସ ପିଚ୍‌ରେ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଅଫ୍-ସ୍ପିନର ସାଇମନ ହାର୍ମରଙ୍କ ସ୍ପିନ ଡେଲିଭରି ଆଗରେ ଭାରତୀୟ ବ୍ୟାଟିଂ କ୍ରମ ତାସ୍ ଘର ପରି ଭୁଶୁଡ଼ି ପଡ଼ିଥିଲା। ଭାରତ ପାଖରେ ୧୨୪ ରନର ଟାର୍ଗେଟ ଥିଲା କିନ୍ତୁ ଦଳ ୩୫ ଓଭରରେ ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ଲଜ୍ଜାଜନକ ପ୍ରଦର୍ଶନ ପୁଣି ଥରେ ସ୍ପିନରମାନଙ୍କ ବିରୁଦ୍ଧରେ ଭାରତୀୟ ବ୍ୟାଟ୍‌ସମ୍ୟାନଙ୍କ ଦୁର୍ବଳତାକୁ ପ୍ରକାଶ କରିଥିଲା।

# ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧସଦରଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଠାରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିତ୍ରାଙ୍କନ ଓ ଓଡ଼ିଆ ବକ୍ତୃତା, ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଉଭୟ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ- ରଘୁନାଥ ପଟ୍ଟନାୟକଙ୍କ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦ୍ୱିତୀୟ- ଶକ୍ତି ପାଣ୍ଡେ, ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଓ ତୃତୀୟ- ଡେନିସ ରାଣୀ ପ୍ରଧାନ, ବ୍ରାଇଟ ମାଇଣ୍ଡ ଡାଇମେନସନ ସ୍କୁଲ୍, ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ- ସ୍ମୃତି କଣକ୍ଷ ଦେହୁରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦ୍ୱିତୀୟ- ସମରେଶ ସାମଲ, କେ.ବି. ହିଷ୍ଟ କଲେଜ ତୃତୀୟ- ଆଲିଶା ମହାକୁଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଓଡ଼ିଆ ବକ୍ତୃତା (ଷଷ୍ଠ/ଦଶମ) ପ୍ରତିଯୋଗିତାରେ ପ୍ରଥମ- ରିଦ୍ଧିମହାକୁଳ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା, ଦ୍ୱିତୀୟ- ଅଧିତ୍ରୀ ପୁରୋହିତ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୃତୀୟ- ଦୟାନିଧି ପ୍ରଧାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା। ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସୁନେଲୀ ବାଘ- ପ୍ରଥମ, ଦ୍ୱିତୀୟ- ଡେଜଲିନ୍ ସାହୁ, ମଡେଲ ଡିଗ୍ରୀ କଲେଜ, ତୃତୀୟ- ଅଂଶୁମାନରଥ ଓ ପ୍ରାଚୀ ସୁବର୍ଣ୍ଣା ପୁରୋହିତ, ଡି.ଆଇ.ଇ.ଟି, ବୌଦ୍ଧ। ଏହି ସମସ୍ତ ପ୍ରତିଯୋଗିତାର ବିଚାରକ ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର ଏବଂ ନୀଳ ଲୋହିତ ମହାପାତ୍ର, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର, ସ୍ୱସ୍ତିକାବିଶି କଳା ଶିକ୍ଷକ, ଦୁଃଖୀଶ୍ୟାମ ବେହେରା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରାଧାମୋହନ ମହାରଣା ପ୍ରଧାନ ଶିକ୍ଷକ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନତ କୁମାର ପ୍ରଧାନ ଓ ସତ୍ୟ ନାରାୟଣ ମିଶ୍ର, ପ୍ରଦୋଷ କୁମାର ମିଶ୍ର ବରିଷ୍ଠ ସାମ୍ବାଦିକ, ଜ୍ଞାନଚାନ୍ଦ ଶତପଥୀ ସହକାରୀ ଶିକ୍ଷକ, ଅଧ୍ୟାପକ ଶରତ କୁମାର ପାତ୍ର ଯୋଗ ଦେଇ ବିଚାରକ ଦାୟିତ୍ୱ ତୁଲାଇ ଥିଲେ।

# ଅନ୍ତିମ ପର୍ଯ୍ୟାୟରେ ଉମରକୋଟ ପ୍ରିମିୟର ଲିଗ୍

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ସାନଭି ଏକାଦଶ ବଲାଙ୍ଗୀରକୁ ଜେ ଦ ବୁଲ୍ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ବେଳେ ଝାରସୁଗୁଡ଼ା ଲିଟିଲ୍ ଷ୍ଟାର ଦଳ କୋଣ୍ଡାଗାଁ ଏକାଦଶକୁ ୮ ୱିକେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ବର୍ତ୍ତମାନ୍ ପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଝାରସୁଗୁଡ଼ା ଦଳର ଖେଳାଳି ରାଜା କୁସୁମ ଥିବା ବେଳେ ବୋଲର ଝାରସୁଗୁଡ଼ା ଦଳର ଖେଳାଳି ମୁନ୍ନା ମାନସ ରହିଛନ୍ତି ଓ ସର୍ବଶ୍ରେଷ୍ଠ ଖେଳାଳି ଭାବେ ମାଲକାନଗିରି ଦଳର ଅଲ ରାଉଣ୍ଡର ଲିଙ୍ଗା ଓ ରାଜା କୁସୁମ ମଧ୍ୟ ରେ ଲଢ଼େଇ ଜାରି ରହିଛି। ଓଡ଼ିଶା ପ୍ରଥମ ଥର ପାଇଁ କୌଣସି ଘରୋଇ କ୍ରିକେଟ ପ୍ରତିଯୋଗିତାରେ ଋଷିଆ ଦେଶରୁ ଚିଅର୍ ଡାନ୍ସ ଗାର୍ଲ୍ ଉମରକୋଟ ପ୍ରିମିଅର ଲିଗ୍‌ରେ ଉପଲବ୍ଧ ରହି ଖେଳପ୍ରେମୀଙ୍କ ମନୋରଞ୍ଜନ କରୁଛନ୍ତି। ଶେଷ ଦିନରେ ଓଡ଼ିଶା ପ୍ରସିଦ୍ଧ କଳାକାର ସିଦ୍ଧାନ୍ତ ମହାପାତ୍ର ଅତିଥି ଭାବେ ଉପସ୍ଥିତ ରହିବେ। ଏହି ଉମରକୋଟ ପ୍ରିମିଅର ଲିଗ୍ ଦ୍ୱାରା ସଭାପତି ସୁଧାଂଶୁ ଦାସଙ୍କ ପ୍ରତି ସମସ୍ତଙ୍କ ମୁଖରେ ପ୍ରଶଂସା ଛୁଟୁଛି।


XII-12

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

No. RDM-LAB-GM-0022-2025-19290 / R&DM, Dated 27 May 2025

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ **ମୌଜା- ପଟିଗୁଡ଼ା,** ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୩.୨୨୫ ଡି.** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ-** ଛେଳିଗଡ଼ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
**୨. ଜମି ଆବଶ୍ୟ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ, ଦିଗପହଣ୍ଡି ଗଞ୍ଜାମ।
**୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ -** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
**୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୩୪୮୮୪ ତାରିଖ ୦୮.୧୦.୨୦୨୪ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି।
**୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ -** ଉପ ଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ।
**୬. ଜମିର ବିବରଣୀ-**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ପଟିଗୁଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୯୫୬ | ଏ. ୩.୨୫୫ | ଏଥି ସହିତ ସଂଲଗ୍ନ |

**ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ.୦.୯୩୫ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ଼ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତ ସାହୁ)
ଅତିରିକ୍ତ ଶାସନ ସଚିବ

**ପଟିଗୁଡା ଗ୍ରାମର ଜମିର ବିବରଣୀ**

ମୌଜା - ପଟିଗୁଡା
ତହସିଲ - ସାନଖେମୁଣ୍ଡି
ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ଏରିଆ (ଏକର) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୭୬ | ୪୨୧୫ | ପଦର | ୦.୪୨୦ | ୦.୧୦୦ | କୋଟିନ ନନ୍ଦ ପାତ୍ର ପି: କୋଟିନ ସୁରୁ ପାତ୍ର, କୋଟିନ ରଘୁନାଥ ପାତ୍ର, କୋଟିନ ପ୍ରକାଶ ପାତ୍ର ପି: କୋଟିନ ଗଂଗୁ ପାତ୍ର, କୋଟିନ ସିମାଞ୍ଚଳ ପାତ୍ର, କୋଟିନ ସୁଧାକର ପାତ୍ର, କୋଟିନ ସନ୍ତୋଷ ପାତ୍ର, କୋଟିନ ରାଜକୁମାର ପାତ୍ର, କୋଟିନ ମୋତି କିଶୋର ପାତ୍ର ପି: କୋଟିନ ବାଉରି ପାତ୍ର ଜା: କୁମୁଟି ବା: ବରମୁଣ୍ଡଳି | |
| ୨ | ୨୦୮ | ୩୯୯୮/୪୯୩୩ | ବିଲ ଅଣଜଳସେଚିତ ଦୁଇ | ୦.୨୭୫ | ୦.୧୩୦ | ପୁନିଆ ବେହେରା ପି:ଗୋକର୍ଣ୍ଣ ବେହେରା ଜା: କୁମ୍ଭାର ବା: ବରମୁଣ୍ଡଳି | |
| | | ୪୧୮୮ | | ୦.୩୪୦ | ୦.୧୯୦ | | |
| ୩ | ୨୦୯ | ୪୧୬୭ | ପଦର | ୦.୨୮୫ | ୦.୦୪୦ | ପୁନିଆ ବେହେରା ପି: ଗୋକର୍ଣ୍ଣ ବେହେରା, ଉଦୟ ବେହେରା, ଭାସ୍କର ବେହେରା ପି: ଦୁଃଖୀ ବେହେରା ଜା: କୁମ୍ଭାର ବା: ନିଜଗାଁ | |
| | | ୪୧୬୯ | | ୦.୧୩୫ | ୦.୧୩୫ | | କେନାଲ ସକାସେ = ୦.୦୧୦, ଗୋଚର ପ୍ରତି ବଦଳ = ୦.୧୨୫ |
| ୪ | ୨୩୧ | ୩୯୯୧ | ବିଲ ଅଣଜଳସେଚିତ ଦୁଇ | ୦.୦୯୦ | ୦.୦୩୦ | ବାହାଦୁର ନାଏକ, ଅରକ୍ଷିତ ନାଏକ, ଚୌଧୁରୀ ନାଏକ, ଲକ୍ଷ୍ମୀ ନାଏକ ପି: ମାଗୁଣି ନାଏକ, ସୁମନାଥ ନାଏକ, ବିଶ୍ୱନାଥ ନାଏକ, ଗୋପିନାଥ ନାଏକ, ମାମି ନାଏକ ପି: ରେଙ୍ଗା ନାଏକ, ପାନ ନାଏକ ସ୍ୱା: ରେଙ୍ଗା ନାଏକ, ଧନୁ ନାଏକ ପି: ନଟିଆ ନାଏକ, ସାଧବାଣୀ ନାଏକ ପି: ଲକ୍ଷ୍ମଣ ନାଏକ, ମାଣିକ ନାଏକ ସ୍ୱା: ଲକ୍ଷ୍ମଣ ନାଏକ, ଭୁବନି ନାଏକ, ଆନନ୍ଦ ନାଏକ, ସ୍ୱାଗି ନାଏକ, ପୁରି ନାଏକ, ପାରି ନାଏକ ପି: ଭିକା ନାଏକ, ପ୍ରବାଣୀ ନାଏକ, ଝୁମ୍ପା ନାଏକ, ଗେଲି ନାଏକ ପି: ସୁଜନ ନାଏକ, ବଙ୍ଗାଲି ନାଏକ, ନବିନ ନାଏକ, ଶଶୀ ନାଏକ, ଝୁନୁ ନାଏକ ପି: ଗୌର ନାଏକ, ଉଷା ନାଏକ ସ୍ୱା: ଗୌର ନାଏକ ଜା: ପାଣ ବା: ନିଜଗାଁ | |
| | | ୩୯୯୨ | | ୦.୩୧୫ | ୦.୦୪୦ | | |
| ୫ | ୨୪ | ୪୨୧୩ | ପଦର | ୦.୨୯୫ | ୦.୦୫୦ | ଭଲା ଗୌଡ଼ ପି:କୁରିଆ ଗୌଡ଼ ଜା: ଗଉଡ଼ ବା: ବରମୁଣ୍ଡଳି | |
| ୬ | ୨୮୫ | ୪୧୭୪ | ପଦର | ୦.୨୦୦ | ୦.୨୦୦ | ମହାଦେଇ ବିଶୋଇ ସ୍ୱା: ଖଲି ବିଶୋଇ, ତାରେଣି ବିଶୋଇ, ରମେଶ ବିଶୋଇ ପି: ବାସୁ ବିଶୋଇ, କବିରାଜ ବିଶୋଇ, ପଞ୍ଚାନନ ବିଶୋଇ, ତ୍ରିଲୋଚନ ବିଶୋଇ, ବାବୁ ବିଶୋଇ ପି: କାଶି ବିଶୋଇ, କୌତୁକି ବିଶୋଇ ସ୍ୱା: କାଶି ବିଶୋଇ, ଅରକ୍ଷିତ ବିଶୋଇ ପି: ରଘୁ ବିଶୋଇ, ଖୁର୍ଦ୍ଧି ବିଶୋଇ ସ୍ୱା: ରଘୁ ବିଶୋଇ ଜା: କାଳଞ୍ଜି ବା: ବରମୁଣ୍ଡଳି | କେନାଲ ସକାସେ = ୦.୦୯୦, ଗୋଚର ପ୍ରତି ବଦଳ = ୦.୧୧୦ |
| | | ୪୨୧୦ | | ୦.୩୪୦ | ୦.୩୨୦ | | କେନାଲ ସକାସେ = ୦.୦୭୫, ଗୋଚର ପ୍ରତି ବଦଳ = ୦.୨୪୫ |
| ୭ | ୩୧୪ | ୪୧୮୬ | ବିଲ ଅଣଜଳସେଚିତ ଦୁଇ | ୦.୧୦୫ | ୦.୦୪୦ | ରାମହରି ବିଶୋଇ ପି: ସୋମନାଥ ବିଶୋଇ, ଝରା ବିଶୋଇ ସ୍ୱା: ସୋମନାଥ ବିଶୋଇ ଜା: ବ୍ରାହ୍ମଣ ବା: ବରମୁଣ୍ଡଳି | |
| | | ୪୧୮୯ | | ୦.୪୩୩ | ୦.୦୧୦ | | |
| ୮ | ୩୬୫ | ୪୧୬୧ | ପଦର | ୦.୧୬୦ | ୦.୧୬୦ | ସିମାଞ୍ଚଳ ଗୌଡ଼, ଭଲି ଗୌଡ଼, କୁନ୍ତି ଗୌଡ଼, ଅନୁସୟା ଗୌଡ଼ ପି: ନଟବର ଗୌଡ଼ ଜା: ଗୌଡ଼ ବା: ବରମୁଣ୍ଡଳି | କେନାଲ ସକାସେ = ୦.୦୨୦, ଗୋଚର ପ୍ରତି ବଦଳ = ୦.୧୪୦ |
| | | ୪୧୭୩ | | ୦.୦୪୦ | ୦.୦୪୦ | | |
| | | ୪୧୯୩ | ବିଲ ଅଣଜଳସେଚିତ ଦୁଇ | ୦.୧୦୫ | ୦.୦୫୫ | | |
| ୯ | ୪୧ | ୪୧୮୫ | ବିଲ ଅଣଜଳସେଚିତ ଦୁଇ | ୦.୩୧୫ | ୦.୨୧୫ | କାଳୁ ବେହେରା ପି:କୁବେର ବେହେରା ଜା: କୁମ୍ଭାର ବା: ବରମୁଣ୍ଡଳି | |
| ୧୦ | ୪୧୦/୮୦ | ୧୦୬୮ | ପଦର | ୦.୦୯୫ | ୦.୦୧୦ | କୁନ୍ତଳା ବେହେରା ସ୍ୱା:କାଳୁ ବେହେରା ଜା: କୁମ୍ଭାର ବା: ବରମୁଣ୍ଡଳି | |
| | | ୪୧୬୯/୪୯୮୦ | | ୦.୦୪୫ | ୦.୦୪୫ | | କେନାଲ ସକାସେ = ୦.୦୨୦, ଗୋଚର ପ୍ରତି ବଦଳ = ୦.୦୨୫ |
| ୧୧ | ୪୭ | ୪୧୭୨ | ପଦର | ୦.୩୪୫ | ୦.୩୪୫ | କୁରୀ ମଳିକ ସ୍ୱା:ମୁକ୍ତା ମଳିକ ଜା: କାଳଞ୍ଜି ବା: ମୌଳାଭଂଜା | କେନାଲ ସକାସେ = ୦.୦୫୫, ଗୋଚର ପ୍ରତି ବଦଳ = ୦.୨୯୦ |
| ୧୨ | ୬ | ୪୨୧୨ | ପଦର | ୦.୦୯୫ | ୦.୦୩୫ | ଅର୍ଜୁନ ଗୌଡ଼ ପି:ମଦନ ଗୌଡ଼ ଜା: ଗଉଡ଼ ବା: ବରମୁଣ୍ଡଳି | |
| | | ୪୨୧୫/୪୯୩୧ | | ୦.୨୯୦ | ୦.୦୫୦ | | |
| ୧୩ | ୧୩ | ୪୧୪୨ | ପଦର | ୧.୦୩୮ | ୦.୦୧୦ | ଆନନ୍ଦ ବିଶୋୟି, ଉଦୟ ବିଶୋୟି, ଦେବ ବିଶୋୟି ପି: ଦଣ୍ଡାସି ବିଶୋୟି ଜା: କାଳଞ୍ଜି ବା: ବରମୁଣ୍ଡଳି | |
| ୧୪ | ୮୮ | ୪୨୧୧ | ପଦର | ୦.୫୭୫ | ୦.୧୦୫ | ଜଗନ୍ନାଥ ବିଶୋଇ ପି:କୁବେର ବିଶୋଇ ଜା: ବ୍ରାହ୍ମଣ ବା: ବରମୁଣ୍ଡଳି | |
| ୧୫ | ୪୧୦/୧୮୩ | ୪୧୮୪ | ବିଲ ଅଣଜଳସେଚିତ ଦୁଇ | ୦.୧୫୦ | ୦.୧୨୦ | ମନ୍ଧି ଗୌଡ଼ ସ୍ୱା:ଜାଗିଲି ଗୌଡ଼ ଜା: ଗୌଡ଼ ବା: ସୁନ୍ଦରପୁର | |
| | | ୪୧୮୧ | | ୦.୦୬୫ | ୦.୦୪୫ | | |
| | | ୪୧୮୦ | | ୦.୦୫୦ | ୦.୦୩୦ | | |
| | | ୪୧୭୯ | | ୦.୦୭୫ | ୦.୦୬୦ | | |
| | | ୪୧୮୩ | | ୦.୦୮୦ | ୦.୦୭୦ | | |
| | | ୪୨୦୬ | | ୦.୨୦୦ | ୦.୦୫୦ | | |
| | | ୪୧୯୪ | | ୦.୦୭୦ | ୦.୦୨୫ | | |
| ୧୬ | ୪୧୦/୧୯୧ | ୪୧୯୫ | ବିଲ ଅଣଜଳସେଚିତ ଦୁଇ | ୦.୧୧୫ | ୦.୦୪୦ | ସୁଶାନ୍ତ ଗୌଡ଼ ପି:ଲକ୍ଷ୍ମୀ ଗୌଡ଼ ଜା: ଗୌଡ଼ ବା: ନିଜଗାଁ | |
| | | ୪୧୯୭ | | ୦.୧୧୫ | ୦.୦୫୫ | | |
| | | ୪୧୯୮ | | ୦.୧୩୫ | ୦.୦୬୦ | | |
| | | ୪୧୯୯ | | ୦.୧୩୫ | ୦.୦୧୦ | | |
| | | ୪୨୦୦ | | ୦.୧୧୫ | ୦.୦୭୫ | | |
| | | ୪୨୦୧ | | ୦.୧୦୦ | ୦.୦୯୦ | | |
| | | ୪୨୦୨ | | ୦.୨୧୫ | ୦.୧୭୦ | | |
| | | | | | | ମୋଟ ୩.୨୫୫ ଏକର | |

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ନଭେମ୍ବର ୨୦୨୫ ସୋମବାର





# ବେହେରାମପୁର ବସ୍ତିରେ ଚଢ଼ଉ ବେଳେ ପୁଲିସ ସହ ଧସ୍ତାଧସ୍ତି: ୨ ବାଂଲାଦେଶୀ ଅଟକ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲା ସଦର ଥାନା ଅଧିନ ତରିକୁନ୍ଦ ଫାଣ୍ଡି ନିକଟ ବେହେରାମପୁର ବସ୍ତିରେ ସନ୍ଦିଗ୍ଧ ବାଂଲାଦେଶୀ ରହିବାକୁ ନେଇ ପୁଲିସ ଚଢ଼ାଉ । ଦୁଇ ସନ୍ଦିଗ୍ଧ ବାଂଲାଦେଶୀ ଅଟକ । ଚଢ଼ାଉ ବେଳେ ଗୋଟିଏ ବନ୍ଧୁକ ଜବତ ସହିତ ବହୁ ପରିମାଣରେ ଖଣ୍ଡା, କଟୁରୀ ଆଦି ମାରଣାସ୍ତ୍ର ଜବତ କରାଯାଇଛି । ଘଟଣା ସ୍ଥଳରୁ ମୁଖ୍ୟ ଅଭିଯୁକ୍ତ ଘର ମାଲିକ ସିକନ୍ଦର ଆଲାମ ଓରଫ ସିକୁ



ଫେରାର ହୋଇଯାଇଛି । ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରିବା ସମୟରେ ସନ୍ଦିଗ୍ଧ ବାଂଲାଦେଶୀ ମାନଙ୍କ ସହିତ ପୋଲିସର ଧସ୍ତାଧସ୍ତି ହୋଇଥିଲା । ଏଥିରେ ଆଡିସନାଲ ଏସପି ଙ୍କ ସହ ଦୁଇ ୨ କନେଷ୍ଟବଳ ଆହତ ହୋଇଛନ୍ତି । ଉକ୍ତ ବସ୍ତିରେ ୩୦ରୁ ଉର୍ଦ୍ଧ୍ୱ ସନ୍ଦିଗ୍ଧ ବାଂଲା ଦେଶୀ ଭଡା ଘରେ ରହୁଥିବା ବେଳେ ବହୁ ଲୋକଙ୍କ ଆଧାର ନଥିବା ଜଣାଯାଇଛି । ଚଢ଼ଉ ବେଳେ ୧୦ରୁ ଉର୍ଦ୍ଧ୍ୱ ଫେରାର ହୋଇ ଯାଇଛନ୍ତି । ଘଟଣା ସ୍ଥଳରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯିବା ସହିତ ବନ୍ଦ ଘର ଗୁଡିକର ତାଲା ଭଙ୍ଗାଯାଇ ଚଢଉ କରାଯାଉଛି ।

# ଆଦିତ୍ୟ ଆଲୁମିନିୟମର ରେଙ୍ଗାଲି ସରକାରୀ ଚିକିତ୍ସାଳୟରେ ଭ୍ରାମ୍ୟମାଣ ଚିକିତ୍ସା ବାହାନର ଉନ୍ମୋଚନ

**ରେଙ୍ଗାଲି, ନ୍ୟୁଜ ବ୍ୟୁରୋ**



ରେଙ୍ଗାଲି ହସ୍ପିଟାଲରେ ଆଦିତ୍ୟ ଆଲୁମିନିୟମ ଓ ବାଲକୋ ର ମିଳିତ ଆନୁକୁଲ୍ୟରେ ଏକ କର୍କଟ ରୋଗ ଚିହ୍ନଟ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୨ ଜଣଙ୍କ ଅଂଶ ଗ୍ରହଣ କରୁଥିଲେ ତନ୍ମଧ୍ୟରୁ ୩୩ ଜଣ ରୋଗୀଙ୍କର ପରୀକ୍ଷା କରାଯାଇଥିଲା । ମାମୋଗ୍ରଫି ଓ ପାପ୍ ସ୍ମିର ଟେଷ୍ଟ ଓ ହେଡ୍ ମାକ କ୍ୟାନସର ସ୍କ୍ରିନିଂ ଟେଷ୍ଟ ପରୀକ୍ଷା କରାଯାଇଥିଲା । ଏସବୁ ପରୀକ୍ଷା ହିତାଧିକାରୀମାନଙ୍କୁ ମାଗଣାରେ କରାଯାଇଥିଲା । ଏଥିରେ ରେଙ୍ଗାଲି ସମେତ ଜଙ୍ଗଲା, କତରବଗା, ବୋମାଲେଇ, ଗିଚାମୁରା, ଓ ଲପଙ୍ଗାର ସମସ୍ତ ୩୦ ବର୍ଷରୁ ଉର୍ଦ୍ଧ୍ୱ ମହିଳାମାନେ ଯୋଗଦାନ ଦେଇଥିଲେ । ତତ୍ ସଙ୍ଗେସଙ୍ଗେ ଏକ ଭ୍ରାମ୍ୟମାଣ ଚିକିତ୍ସା ବାହିନୀ (ମୋବାଇଲ ମେଡିକାଲ ଭ୍ୟାନ)ର ଶୁଭାରମ୍ଭ କରାଯାଇଥିଲା ଏବଂ ଚିକିତ୍ସାଳୟର ଅନୁରୋଧ କ୍ରମେ ଏକ ରଉଏ ମେସିନଟି ସ୍ଥାନୀୟ ଜନ ସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଶେଷତଃ ରେଙ୍ଗାଲିର ରୋଗୀ କଲ୍ୟାଣ ସମିତି ସହାୟତା ସହଯୋଗ କରିଥିଲେ । ସ୍ଥାନୀୟ ବରିଷ୍ଠ ନାଗରିକ କମିଟିର ସ୍ୱାଧୀନ ଏକ୍ତ ସଂଗଠନର ସଦସ୍ୟ ମାନେ ( ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗଡିଆ, ଶଶି ଭୂଷଣ ସାହୁ , ଅଶୋକ ଗୁରୁ) ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସ୍ଥାନୀୟ ଜନ ପ୍ରତିନିଧି ହିସାବରେ ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମୁରାଲି ବିଶ୍ୱଳ, ଜଙ୍ଗଲା, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଶେଷଦେବ ପଧାନ ରହି କାର୍ଯ୍ୟକ୍ରମର ନୂତନ ଦିଗନ୍ତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏଡିପିଚଓ ଡାକ୍ତର ସୁଚିତ୍ରା ସାହୁ, ଏପିଡେମିଲୋଗିଷ୍ଟି ଡାକ୍ତର ଜ୍ଞାନରଞ୍ଜନ ମହାନ୍ତି, ରେଙ୍ଗାଲି ହସ୍ପିଟାଲର ଡାକ୍ତର ଶୁଭମ୍ ସିଂଘ,ଫାର୍ମାସିଷ୍ଟ, ରେଙ୍ଗାଲି ଶ୍ରୀଯୁକ୍ତ ସୁରେନ୍ଦ୍ର ମୋହନ ବେହେରା, ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ଶ୍ରୀଯୁକ୍ତ ବିନୋଦା ନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲସନ୍ ତିୱାରୀ, ଓଡ଼ିଶା ଆଞ୍ଚଳିକ ମାନବସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ି, ଆଞ୍ଚଳିକ ସିଏସଆର୍ ମୁଖ୍ୟ ଶ୍ରୀଯୁକ୍ତ ଶିବ ପ୍ରସାଦ ମହାପାତ୍ର, ଲ୍ୟାଣ୍ଡ ମୁଖ୍ୟ ଶ୍ରୀଯୁକ୍ତ ବିଘ୍ନେଶ୍ୱର ପଣ୍ଡା, ଓ ଆଞ୍ଚଳିକ ସ୍ୱାସ୍ଥ୍ୟ ମୁଖ୍ୟ ସୁବ୍ରତ ଚାଟାର୍ଜୀ ଓ ବାଲକୋର ଡାକ୍ତର ଗୌରଭ ଗୁପ୍ତା ଉପସ୍ଥିତ ରହିଥିଲେ । ଆଦିତ୍ୟ ଆଲୁମିନିୟମ କାରଖାନା ର ମୁଖ୍ୟ ଲକ୍ଷ ଅଞ୍ଚଳର ବହୁରୂପୀ ଉନ୍ନତକୁ ଲକ୍ଷକରି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା ଇତ୍ୟାଦି ଉପରେ ଆଲୋକ ପାତ କରି ଆହୁରି ଅନେକ କାର୍ଯ୍ୟକ୍ରମକୁ ଭବିଷ୍ୟତରେ ନୂତନ ରୂପରେଖ ଦେଇ ପରିବର୍ତ୍ତନ ଆଣିବାପାଇଁ ରେଙ୍ଗାଲି ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କ୍ରିଷ୍ଣା ପଢ଼ି ମଧ ହିଣ୍ଡାଲକୋ କମ୍ପାନୀ ର ଓ ଆଦିତ୍ୟ ଆଲୁମିନିୟମ ର ଚତୁଃ ପାର୍ଶ୍ୱରେ ଥିବା ସମସ୍ତ ଗ୍ରାମରେ ଥିବା ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ଓ ଆମ୍ବୁଲାନ୍ସ ବ୍ୟବସ୍ଥାକୁ ବୃଦ୍ଧି କରିବା, ଅଞ୍ଚଳରେ ଥିବା ଯୁବ ଗୋଷ୍ଟିଙ୍କୁ ପ୍ରଶିକ୍ଷଣରେ ସାମିଲ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପରିଶେଷରେ ଅନ୍ୟ ଏକ କାର୍ଯ୍ୟକ୍ରମ ଚକ୍ଷୁ ପରୀକ୍ଷା କରି ୫୭ ଜଣ ଙ୍କୁ ଚିକିତ୍ସା କରିଥିଲେ ଓ ୯ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ ପରାମର୍ଶ ଦେଇଥିଲେ । ସଭା ଶେଷରେ ଶ୍ରୀଯୁକ୍ତ ଶିବ ମହାପାତ୍ର ସମସ୍ତଙ୍କୁ ଧନ୍ୟ ବାଦ ଅର୍ପଣ କରିଥିଲେ । ଏଭଳି କାର୍ଯ୍ୟକ୍ରମ କୁ ରେଙ୍ଗାଲି ଜନସାଧାରଣ ଙ୍କ ବିଗତ ଦିନର ଅପେକ୍ଷା କୁ ଅନ୍ତ କରି ଏକ ନୂତନ ଆଶାକୁ ସୃଷ୍ଟି ସଓ୍ୱାରକରି ରେଙ୍ଗାଲି ବାସୀଙ୍କୁ ସ୍ୱାସ୍ଥ୍ୟ ସେବାକୁ ନେଇ ଆଶ୍ୱସ୍ତି ପରି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସିଏସଆର୍ ମୁଖ୍ୟ ରବି ନିୱାସ, ସୁକାନ୍ତ ମହାପାତ୍ର ଓ ମନୋରଂଜନ ବେହେରା ପରିଚାଳନା କରିଥିଲେ । ସିଏସଅର୍ ଟିମ୍ର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ଆଦିତ୍ୟ ଆଲୁମିନିୟମ ଏଭଳି କାର୍ଯ ପାଇଁ ସ୍ଥାନୀୟ ଅଧିବାସୀ ମାନେ ବହୁତ ପ୍ରଶଂସା କରୁଥିଲେ ।

# ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଆରମ୍ଭ ହେବ କ୍ୟାମ୍ପସ କଲିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଆରମ୍ଭ ହେବ କ୍ୟାମ୍ପସ କଲିଂ । ଏ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଚିଠି ଲେଖିଛନ୍ତି । କ୍ୟାମ୍ପସରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ସେମାନେ ନିର୍ଭୟରେ କିଭଳି କ୍ୟାମ୍ପସ୍ ରେ ପାଠ ପଢିବା ସହ ରହିପାରିବେ ସେଥିପ୍ରତି ପ୍ରାଥମିକତା ଦିଆଯିବ । ନିର୍ଦ୍ଦିଷ୍ଟ ନିୟମାବଳୀ ଜାରି କରାଯିବ । ମହିଳା ସଶକ୍ତିକରଣ, ପୋସ ୨୦୧୩ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ। ପ୍ରତି ଉଚ୍ଚ ଶିକ୍ଷାନୁଷ୍ଠାନରେ ୪ ଜଣ କ୍ୟାମ୍ପସ୍ ରାଷ୍ଟ୍ରଦୂତ ମନୋନୀତ ହେବେ ।

# ଡିସେମ୍ବର ଶେଷ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ ପଥୋତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଡିସେମ୍ବର ଶେଷ ସପ୍ତାହରୁ ଭୁବନେଶ୍ୱରରେ ଆରମ୍ଭ ହେବ ପଥୋତ୍ସବ । ଶୀତୁଆ ସକାଳରେ ରାସ୍ତା ଉପରେ ମଉଜ କରିବେ ଭୁବନେଶ୍ୱରବାସୀ । ଏନେଇ ସୂଚନା ଦେଇଛନ୍ତି ବିଏମସି କମିଶନର ଚଂଚଲ୍ ରାଣା । ଡିସେମ୍ବର ଶେଷ ସପ୍ତାହରୁ ଆରମ୍ଭ ହେବ ପଥୋତ୍ସବ। ଡିସେମ୍ବର ଶେଷ ସପ୍ତାହ ଏବଂ ଜାନୁଆରୀ ମାସର ପ୍ରଥମ ଦୁଇଟା ସପ୍ତାହ ନିଆରା କାର୍ଯ୍ୟକ୍ରମ ହେବ । ତିନୋଟି ଜୋନରେ ଗୋଟିଏ ଲେଖାଏଁ ପଥୋତ୍ସବର ଆୟୋଜନ କରିବା ନେଇ ବିଏମସି ପ୍ରସ୍ତୁତି ଆରମ୍ଭ କରିଛି। ରବିବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ପଥୋତ୍ସବର ଆୟୋଜନ କରାଯିବ। ନାଚ, ଗୀତ ସାଙ୍ଗକୁ ପେଂଟିଂ, ସ୍କେଟିଂ ଏବଂ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରିବ ବିଏମସି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିହାରରେ ନୂତନ ...

ସୁଦ୍ଧା ମୁଖ୍ୟମନ୍ତ୍ରୀ ନିର୍ବାଚିତ ହେବେ ଏବଂ ଶପଥ ଗ୍ରହଣ ସମାରୋହ ୧୯ କିମ୍ବା ୨୦ରେ ହୋଇପାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ । ପାଟନାର ଗାନ୍ଧୀ ମଇଦାନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ବିହାର ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଏବେ ନୂଆ ସରକାର ଶପଥ ଗ୍ରହଣ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଏଠାରେ ଏନଡିଏ ବିପୁଳ ସଂଖ୍ୟା ଗରିଷ୍ଠତା ହାସଲ କରିଛି । ନୂତନ ସରକାର ଗଠନ ପ୍ରକ୍ରିୟା ଏବେ ତ୍ୱରାନ୍ୱିତ ହୋଇଛି । ସୂଚନା ଅନୁସାରେ ଶପଥ ଗ୍ରହଣ ଉତ୍ସବ ଆସନ୍ତା ୧୯ କିମ୍ବା ୨୦ତାରିଖରେ ହେବ । ବିହାର ବିଧାନସଭା କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେଉଛି । ତେଣୁ ଏହା ପୂର୍ବରୁ ଏକ ନୂତନ ସରକାର ଗଠନ କରିବାକୁ ପଡିବ । ଶପଥ ଗ୍ରହଣ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ବିହାର ବିଧାନସଭା ନିର୍ବାଚନରେ ଏନଡିଏ ସପକ୍ଷରେ ଆଶ୍ଚର୍ଯ୍ୟଜନକ ମତଦାନ ହୋଇଛି । ଏଠାରେ ଏନଡିଏ ୨୦୨ ଆସନ ପାଇଥିବା ବେଳେ ମହାମେଣ୍ଟକୁ ମାତ୍ର ୩୫ଟି ଆସନ ମିଳିଛି । ଏନଡିଏରେ ବିଜେପିକୁ ୮୯ଆସନ, ଜେଡିୟୁକୁ ୮୫ଆସନ ଏବଂ ଏଲଜେପି ୧୯ଟି ଆସନରେ ବାଜିମାତ କରିଛନ୍ତି । ସେହିପରି ମହାମେଣ୍ଟରେ ଆରଜେଡିକୁ ୨୫ଆସନ ଏବଂ କଂଗ୍ରେସକୁ ମାତ୍ର ୬ଟି ଆସନ ମିଳିଛି । ଏହାବ୍ୟତୀତ ପ୍ରଥମ କରି ନିର୍ବାଚନ ଲଢିଥିବା ଜନସୁରାଜ ପାର୍ଟି ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି ।

## ଗିରଫ ବ୍ୟକ୍ତିଙ୍କୁ ...

ସମୟରେ ଆବେଦନକାରୀଙ୍କୁ ହାଜତକୁ ପଠାଯିବା ମଧ ବେଆଇନ। ସମ୍ବିଧାନର ଧାରା ୨୨(୧)ରେ ଥିବା ବ୍ୟବସ୍ଥା ପାଳନ କରାଯାଇ ନ ଥିବାରୁ ଆବେଦନକାରୀଙ୍କୁ ଜାମିନ ପ୍ରଦାନ କରାଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

ଏଥି ସହିତ ୫୦ ହଜାର ଟଙ୍କାର ଜଣେ ଲେଖାଏଁ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜେନ୍ଦ୍ର ନାୟକ ଓ ହେମନ୍ତ ନାୟକଙ୍କ ଜାମିନ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି । ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି ଯେ, ଅଟକ/ଗିରଫ ବ୍ୟକ୍ତିଙ୍କ ସମ୍ବିଧାନ ପ୍ରଦତ୍ତ ଅଧିକାର ରହିଛି । ସମ୍ବିଧାନର ଧାରା ୨୨(୧) ଅନୁସାରେ ଗିରଫ/ଅଟକ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇ ଦିଆଯିବ । ବିଏନ୍ଏସ୍‌ର ଧାରା ୪୭ ଅନୁସାରେ ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଗିରଫ କରୁଥିବା ଅଧିକାରୀ ଅବଗତ କରିବା ବାଧ୍ୟତାମୂଳକ । ସଂପୃକ୍ତ ବ୍ୟକ୍ତି ବୁଝି ପାରୁଥିବା ଭାଷାରେ ଏ ନେଇ ଜଣାଇ ଦିଆଯିବା କଥା।

## ଦିଲ୍ଲୀ ବିସ୍ଫୋରଣ...

ହୋଇଥିବା ବିସ୍ଫୋରଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏପର୍ଯ୍ୟନ୍ତ ୨୦ରୁ ଅଧିକ ଆହତଙ୍କ ଚିକିତ୍ସା ଚାଲିଛି, ଯେଉଁଥିରେ ତିନି ଜଣଙ୍କ ଅବସ୍ଥା ଗୁରୁତର ଅଛି ।

## ମନ୍ଦିରର ସଂସ୍କୃତି ...

ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡ଼ି ନକ୍ସାର ତର୍ଜମା କରାଯାଇଥିଲା । ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୋଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର. ଆୟାର ଓ ମନ୍ଦିର ସେବାୟତମାନଙ୍କ ସହ ଆଲୋଚନା ହୋଇଥିଲା । ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ...

ଅଧକ୍ଷ ଏବଂ ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ସମ୍ମାନିତ ଜୁରି ସଦସ୍ୟଙ୍କ ସହିତ ଉପସ୍ଥିତ ଥିଲେ । ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡାଙ୍କ ଧନ୍ୟବାଦ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ପୁରସ୍କାର ବିତରଣ ଉତ୍ସବକୁ ଏକଲବ୍ୟ ପୁରସ୍କାର କମିଟି-୨୦୨୫ର ସଂଯୋଜକ ଏବଂ ଇମ୍ପା କର୍ପୋରେଟ୍ ବ୍ୟାପାର ମୁଖ୍ୟ ଅଶ୍ୱିନୀ ପ୍ରସାଦ ମହାନ୍ତି ପରିଚାଳନା କରିଥିଲେ ।

## ଘୁ.ଉଦୟଗିରିରେ...

ସହରର ତାପମାତ୍ରା ଠାରୁ ଦୁର୍ଗମ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରେ ଆହୁରି କମ ତାପମାତ୍ରା ରହୁଥିବା ଜଣାପଡିଛି । ଚଳିତ ବର୍ଷ ବିଳମ୍ବରେ ଶୀତର ଆଗମନ ହୋଇଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ପ୍ରବଳ ଥଣ୍ଡା ହେବା ବି ଅନୁମାନ କରାଯାଉଛି ।

## ଟ୍ରାଫିକ୍ ନିୟମ...

ଦେବାକୁ ହେବ । ଅବଶ୍ୟ, ଯେଉଁ ଚାଲାଣଗୁଡ଼ିକ ସମ୍ପର୍କରେ କୋର୍ଟରେ ପ୍ରସିକ୍ୟୁସନ୍ ରିପୋର୍ଟ ଦାଖଲ କରାଯାଇଛି, ସେଗୁଡ଼ିକ ଏହି ଯୋଜନାର ପରିସରଭୁକ୍ତ ହେବ ନାହିଁ ।

## ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

# ଗଣମାଧ୍ୟମ ହେଉଛି ସୁସ୍ଥ ସମାଜର ସୂତ୍ରଧାର : ବିଧାୟକ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କର୍ଯ୍ୟାଳୟସ୍ଥ ସଦଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଙ୍କ ଅଧ୍ୟକ୍ଷତା ରେ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ନିରପେକ୍ଷ ଗଣମାଧ୍ୟମ ହେଉଛି ସୁସ୍ଥ ସମାଜର ସୂତ୍ରଧାର, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସେମାନେ କୌଣସି ଭାବରେ ପ୍ରଭାବିତ ନ ହୋଇ ସତ୍ୟର ଅନୁସନ୍ଧାନ ସଠିକ ଖବର ପହଞ୍ଚାଇବାକୁ ଉପଦେଶ ଦେଇଥିଲେ । ପ୍ରେସ କାଉନସିଲ ଅଫ ଇଣ୍ଡିଆ ଦ୍ୱାରା ଘୋଷିତ ଏ ବର୍ଷ ର ଥିମ୍ 'ଭ୍ରାମାତ୍ମକ ଖବର ପ୍ରସାରଣ ବୃଦ୍ଧି ରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ଆଲୋକପାତ କରିବାକୁ ଯାଇ ବିଧାୟକ କହିଲେ ଯେ ଗଣମାଧ୍ୟମ ଚାପର ବଶବର୍ତ୍ତୀନ ହୋଇ ସଠିକ ଖବର ପ୍ରକାଶନ କଲେ ସମାଜରେ ସୁଧାର ଆସିବ । ଗଣମାଧ୍ୟମର ପ୍ରତିନିଧି ମାନଙ୍କ ନିବେଦନ ଅନୁଯାୟୀ ଆଗାମୀ ଦିନରେ ଜିଲ୍ଲାରେ ପ୍ରେସ ଭବନ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା କଥା କହିଥିଲେ ବିଧାୟକ ଶ୍ରୀ ଦାସ । ସଭାରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ବିଭିନ୍ନ ପରିବର୍ତ୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ଯେଉଁ ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡ ଅମ୍ବିକା ଶଙ୍କର ମିଶ୍ର ଚଳିତ ବର୍ଷର ଆଲୋଚ୍ୟ ବିଷୟ ବସ୍ତୁ ଉପରେ ଆଲୋକ ପାତ କରିଥିଲେ । ବର୍ତ୍ତମାନର ଏ ଆଇ ଓ ସୋସିଆଲ ମିଡ଼ିଆ ପ୍ରଭାବରେ ଅନେକ ଭ୍ରାନ୍ତିକର ତଥ୍ୟ ଉପସ୍ଥାପିତ ହେଉଛି ମାତ୍ର ଗଣମାଧ୍ୟମ ଏସବୁ ରୁ ଉର୍ଦ୍ଧ୍ୱ ରେ ରହି ଯାଞ୍ଚିତ ଖବର ପ୍ରସାରଣ କରିବା ଉଚିତ୍ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ କହିଥିଲେ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଜଗତସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ଅମର ନାଥ ପରିଡ଼ା, ପ୍ରମୋଦ ନାୟକ, ମନୋଜ କୁମାର ଦାଶ, ମିଳନ ଜେନା, ଦୀପ୍ତି ରଞ୍ଜନ ମହାନ୍ତି, ଶୁଭଙ୍କର ଜେନା, ସରୋଜ ସାହୁ, ନାରାୟଣ ପ୍ରସାଦ ନନ୍ଦ, ରମାକାନ୍ତ ଦାଶ, ଶଶାଙ୍କ ଶେଖର ପଣ୍ଡା, ବିପ୍ଳବ ମହାନ୍ତି ନିଜର ଅଭିବ୍ୟକ୍ତି ରଖିଥିଲେ ।

ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଆୟୋଜିତ ହାଇସ୍କୁଲ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆପଡା ଉପନିର୍ବାଚନ ଉପରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ପ୍ରତିକ୍ରିୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ତଥା ନୂଆପଡା ଉପନିର୍ବାଚନରେ ଦଳର ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୋଲିସ୍ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି ବୋଲି ଅଭିଯୋଗ କରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ, ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଂଚାୟତ ଓ ଏନଏସି ଅଂଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ତରଫରୁ ବିଜୁ ଜନତା ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା । ଏହାର ଅଭିଯୋଗ ବାରମ୍ବାର ବିଜେଡି ତରଫରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଇଲେଂଟ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଂଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ତରଫରୁ ଏହାର ଅଭିଯୋଗ ସ୍ଥାନୀୟ ପୋଲିସ ଷ୍ଟେସନରେ କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲ୍କୁ ପଠାଯାଇଥିଲା । ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପସି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ କରୁଥିଲେ । ଏହାର ଅଭିଯୋଗ କରାଯାଇଥିଲେ ମଧ କର୍ତ୍ତୃପକ୍ଷ ଶୁଣି ନଥିଲେ । ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୧ଟି ବୁଥ୍ରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା, ଯାହା ଗ୍ରହଣୀୟ ନୁହେଁ । ଭୋଟିଂ ଶେଷ ହେବା ବେଳେ, ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫% ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭% ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ଭୋଟିଂର ପରଦିନ ଦିବା ୧୦ ଘଟିକା ସମୟରେ ୮୧% ଓ ୧୨ଟା ସମୟରେ ୮୩.୪୫% ଭୋଟିଂ ହୋଇଛି ବୋଲି କୁହାଗଲା, ଯାହା ଭୋଟ୍ ଜାଲିଆତିର ଆଭାସ ମିଳୁଛି । ଶ୍ରୀମତୀ ଛୁରିଆ ଆହୁରି କହିଥିଲେ, ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା, ହେଲେ ଜିଲ୍ଲା ପ୍ରଶାସନ, ପୋଲିସ୍ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି । ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ । ସେ ମଧ ନୂଆପଡାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସବୁବେଳେ ଲଢ଼େଇ କରିବେ ବୋଲି କହିଥିଲେ । ନୂଆପଡାବାସୀ ତାଙ୍କୁ ଓ ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ । ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ, ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳର ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଓ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି । ସେଥିପାଇଁ ନୂଆପଡାବାସୀଙ୍କୁ ବିଜୁ ଜନତା ଦଳ ତରଫରୁ ଆମେ କୃତଜ୍ଞତା ଜଣାଉଛୁ । ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ସଦାସର୍ବଦା ରହିବ ।

# ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳ ଅଫିସ ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ୨୦୨୫ ପାଳିତ ହୋଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ଅର୍ଜୁନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସାମ୍ବାଦିକ ସଂଘ ର ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ବ୍ୟୋମକେଶ ଦାଶ, ପର୍ଶୁରାମ ମିଶ୍ର, ମୁଖ୍ୟବକ୍ତା ଭାବେ ଓଟିଭି ପଶ୍ଚିମ ଓଡ଼ିଶା ବ୍ୟୁରୋ ଚିଫ ମନୋରଞ୍ଜନ ଯୋଶୀ ଯୋଗ ଦେଇ ବର୍ତ୍ତମାନ ପରିସ୍ଥିତିରେ ଭ୍ରମାତ୍ମକ ଖବର ପରିବେଷଣ ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତା ବିଷୟରେ ଅଭିଭାଷଣ ରଖିବା ସହ ଦୈନନ୍ଦିନ ଜୀବନରେ ସାମ୍ବାଦିକମାନଙ୍କ ସମସ୍ୟା ବିଷୟରେ ଉପସ୍ଥାପନା କରିଥିବା ବେଳେ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିବା ବେଳେ ରାମ ଶଙ୍କର ଭୋଇ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ସାମ୍ବାଦିକ ସଂଘର ଦିଲ୍ଲୀପ ପାତ୍ର, ମୃତ୍ୟୁଞ୍ଜୟ ଶତପଥି, ରାଜ କିଶୋର ତ୍ରିପାଠୀ, ରତନ ପଟ୍ଟନାୟକ, ବିବେକାନନ୍ଦ ମିଶ୍ର, ସ୍ୱାଧୀନ ମେହେର, ମହାଦେବ ମଲ୍ଲିକ, ନବ ମିଶ୍ର, ରଞ୍ଜନ ବାରିକ, ରବୀନ୍ଦ୍ର ହୋତା, ଶେଷଦେବ ବାରିକ, ପିତାମ୍ବର ମହାପାତ୍ର, ସନ୍ତୋଷ ମିଶ୍ର, ସଞ୍ଜୟ ସାହୁ, ରଞ୍ଜନ ହୋତା, ପିନାକୀ ପଣ୍ଡା, ସହଦେବ ମେହେର, ସରୋଜ ପ୍ରଧାନ, ସୁଶାନ୍ତ ପଣ୍ଡା ପ୍ରମୁଖଙ୍କ ସହ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ଡି.ଏଚ୍.ଏଚ୍, ପାରଳାଖେମୁଣ୍ଡିରେ ବିଶ୍ୱ ନିମୋନିଆ ଉପରେ ଗୁରୁତ୍ୱ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ସେଞ୍ଚୁରିଅନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଏଣ୍ଡ ମ୍ୟାନେଜମେଣ୍ଟ, ପାରଳାଖେମୁଣ୍ଡି କ୍ୟାମ୍ପସର ନର୍ସିଂ ବିଦ୍ୟାଳୟ, ଏବଂ ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ, ପାରଳାଖେମୁଣ୍ଡିଙ୍କ ସଂଯୁକ୍ତ ଆୟୋଜନରେ ବିଶ୍ୱ ନିମୋନିଆ ଦିବସରେ 'ପ୍ରତ୍ୟେକ ଶ୍ୱାସର ମୂଲ୍ୟ ଅଛି, ନିମୋନିଆକୁ ଏଠାରେ ଅଟକାନ୍ତୁ" ଥିମ୍ ସହିତ ପାଳନ କରାଗଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରୋଗୀ, ସେବାଦାତା ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ନିମୋନିଆ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଏବଂ ପରିଚାଳନା ବିଷୟରେ ସଚେତନତା ବୃଦ୍ଧି କରିବା । ଅନୁଷ୍ଠାନର ଆରମ୍ଭ ନର୍ସିଂ ବିଦ୍ୟାଳୟର ଶିକ୍ଷିକା ସୁଭଶ୍ରୀ ପାଣିଗ୍ରାହୀଙ୍କ ଉଦ୍‌ବୋଧନ ସହିତ ହୋଇଥିଲା, ଯେଉଁଠି ସେ ଶ୍ୱାସକୋଷ ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ଟିକାକରଣ, ସୁସ୍ଥ ପୋଷଣ ଓ ନିୟମିତ ସ୍ୱଚ୍ଛତା ଭଳି ପ୍ରତିରୋଧକ ଉପାୟ ବିଷୟରେ ଆଲୋକ ପାତ କଲେ । ଛାତ୍ରଛାତ୍ରୀମାନେ ଡି.ଏଚ୍.ଏଚ୍.ରେ ବିଭିନ୍ନ ଶିକ୍ଷାମୂଳକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କଲେ, ଯାହାର ସ୍ୱାସ୍ଥ୍ୟ ଆଲୋଚନା, ପୋଷ୍ଟର ପ୍ରଦର୍ଶନ, ଡେମୋନ୍ଷ୍ଟ୍ରେସନ୍ ଓ ଇଣ୍ଟରାକ୍ଟିଭ୍ ସେସନ୍ ସମ୍ମିଳିତ ଥିଲା । ଶ୍ୱାସ ଅଭ୍ୟାସ ବିଷୟରେ ଦୀପଶିଖା ବ୍ୟାଖ୍ୟା କଲେ ଏବଂ ଶ୍ରୀମତୀ ନିବେଦିତା ଡେମୋନ୍ଷ୍ଟ୍ରେସନ୍ କଲେ । ହାତ ଧୋଆ ପ୍ରକ୍ରିୟା ବିଷୟରେ ଇଶ୍ୱର ବ୍ୟାଖ୍ୟା କଲେ ଏବଂ କାବ୍ୟା ଡେମୋନ୍ଷ୍ଟ୍ରେସନ୍ କଲେ । ଫ୍ଲାଶ କାର୍ଡ କାର୍ଯ୍ୟକ୍ରମ ସୋନାଲି ଓ ଶାରଦା ପ୍ରଦର୍ଶନ କଲେ । କାର୍ଯ୍ୟକ୍ରମଟି ତୃତୀୟ ସେମିଷ୍ଟର ଛାତ୍ରୀ ସୋନାଲି ବେହେରାଙ୍କ ସମନ୍ୱୟରେ ଏବଂ ଶିକ୍ଷକମଣ୍ଡଳୀଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା । ଡି.ଏଚ୍.ଏଚ୍.ର ରୋଗୀ ଓ ପରିଦର୍ଶକମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ଯାହା ଫଳରେ କାର୍ଯ୍ୟକ୍ରମ ଶିକ୍ଷାପ୍ରଦ ଓ ପ୍ରଭାବଶୀଳ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଜ୍ଞାପନ ଦିଆଯାଇଥିଲା, ଯେଉଁଠି ହସ୍ପିଟାଲ ଅଧିକାରୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କ ସହଯୋଗ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଆଭାର ପ୍ରକାଶ କରାଗଲା ।

ଭୁବନେଶ୍ୱର
୧୭ ନଭେମ୍ବର,
ସୋମବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ହାରିବାର ଅନେକ କାରଣ ବାହାରେ, ହେଲେ ଜିତିବାର କାରଣ କେବଳ ଜୟ



ଭୁବନେଶ୍ୱର ୧୬।୧୧ ନ୍ୟୁଜ ବ୍ୟୁରୋ

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କଟାକ୍ଷ କଲେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ହାରିବାର ଅନେକ କାରଣ ବାହାରେ । ହେଲେ ଜିତିବାର କାରଣ କେବଳ ଜୟ । ହାରିବାର କାରଣ ଦର୍ଶାଇ ନିଜ ଦୁର୍ବଳତା ଲୁଚାଇବାକୁ ବିଭିନ୍ନ ରାଜନୈତିକ ଦଳ ଅନେକ କଥା କୁହନ୍ତି। ନିଜ ପରାଜୟ ସ୍ୱୀକାର କଲେ ଭଲ ହୁଅନ୍ତା ବୋଲି ପୂର୍ବ ମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନୂଆପଡା ଉପନିର୍ବାଚନରେ ଯେଉଁମାନେ ବିଭୀଷଣ ଭୂମିକାରେ ରହିଲେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ । ସବୁ ଦଳରେ ବିଭୀଷଣ ଅଛନ୍ତି, ଆମ ଦଳରେ ଯେଉଁମାନେ ଅଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆତ୍ମ ସମୀକ୍ଷା ପରେ ବିଭୀଷଣଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସି ସଭାପତି କହିଛନ୍ତି । ସରକାରୀ କଳ ଏବଂ ଅର୍ଥ ବଳ ବ୍ୟବହାର ପରେ ବି ଆମେ ୪୦ ହଜାର ଭୋଟ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଛୁ । ତଥାପି ଦଳ ଆତ୍ମସମୀକ୍ଷା କରିବ, ପ୍ରତ୍ୟେକ କ୍ଷେତ୍ରକୁ ନେଇ ଦଳ ଆତ୍ମସମୀକ୍ଷା କରିବ ବୋଲି ପିସିସି ସଭାପତି କହିଥିଲେ ।

### ଆଜି ଶ୍ରୀବିଗ୍ରହଙ୍କ ପଇତା ଲାଗି ନୀତି

## ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୬/୧୧ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରରେ ଆସନ୍ତା ୧୭ ତାରିଖ ସୋମବାର ଶ୍ରୀବିଗ୍ରହଙ୍କ ପଇତା ଲାଗି ନୀତି ହେବ । ଏହା ଦଇତାପତି ସେବକଙ୍କ ଗୋଷ୍ଠୀଗତ ସେବା । ଅପରାହ୍ନରୁ ସନ୍ଧ୍ୟା ସମୟରେ ଏହି ନୀତି ସମ୍ପନ୍ନ ହେବ । ଏହି ଗୁପ୍ତ ନୀତି ସମୟରେ ପ୍ରାୟ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ପଇତା ଲାଗି ନୀତି ସମ୍ପନ୍ନ ହେବ । ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଏହି ସ୍ୱତନ୍ତ୍ର ସେବା



ହୋଇଥାଏ। ମହାପ୍ରଭୁଙ୍କ ଏହା ଏକ ଗୁପ୍ତ ନୀତି ବୋଲି ସେବକମାନେ କହିଛନ୍ତି । ସୋମବାର ଠାକୁରଙ୍କ ସେବାପୂଜାର ନୀତି ନିର୍ଘଣ୍ଟକୁ ନେଇ ପଇତା ଲାଗି ସମୟ ଧାର୍ଯ୍ୟ ହେବ ।

## ବାଲିଯାତ୍ରା ଆୟୋଜନକୁ ନେଇ ସମାଲୋଚନା କଲେ ମେୟର

କଟକ ୧୬/୧୧ ନ୍ୟୁଜ ବ୍ୟୁରୋ

କଟକ ଐତିହାସିକ ବାଲିଯାତ୍ରା ଆୟୋଜନ ନେଇ ଜିଲ୍ଲାପାଳଙ୍କ ଉପରେ ବର୍ଷିଲେ ସିଏମ୍‌ସି ମେୟର ସୁବାଷ ସିଂ। ଉପର ପଡିଆରେ ଅଧା ପନ୍ତରିଆ ଆୟୋଜନ ନେଇ ପ୍ରଶାସନକୁ ସମାଲୋଚନା କରିଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ମନମୁଖି ଭାବେ ବାଲିଯାତ୍ରା ଆୟୋଜନ କରିଥିବା ସେ ଅଭିଯୋଗ ଆଣିଛନ୍ତି। ଗଣମାଧ୍ୟମ ସମ୍ମୁଖରେ ବାଲିଯାତ୍ରା ନିମନ୍ତ୍ରଣ କାର୍ଡ ଚିରି ପିଙ୍ଗିଛନ୍ତି କଟକ ମେୟର। ଏହି ସମୟରେ ବିଜେଡ଼ି କର୍ପୋରେଟର ମଧ୍ୟ ଉପସ୍ଥିତ ଥିଲେ। ବାଲିଯାତ୍ରାରେ କେବଳ ଜିଲ୍ଲା ପ୍ରଶାସନ ଆୟୋଜକ ନୁହେଁ । ସିଏମ୍‌ସି, ପୁଲିସ ଓ ଅନ୍ୟ ସରକାରୀ ବିଭାଗକୁ ନେଇ ଏକ ସମନ୍ୱୟ କମିଟି ରହିଛି । ସମନ୍ୱୟ କମିଟି ବୈଠକର ନିଷ୍ପତ୍ତି ଅନୁସାରେ କାମ ହୁଏ। କିନ୍ତୁ ଚଳିତ ବର୍ଷ ସମନ୍ୱୟ କମିଟି ବିନା ବାଲିଯାତ୍ରା ଆୟୋଜିତ ହୋଇଛି। ଏଥି ସହିତ ସିଏମସି ନିର୍ବାଚିତ କାଉନସିଲରଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇ ନାହିଁ ଏବଂ ଜିଲ୍ଲାପାଳଙ୍କ ଏଭଳି ନୀତି ପାଇଁ ବାଲିଯାତ୍ରା ଆୟୋଜନରେ ଅନିୟମିତତା ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିପାଇଁ ତାଙ୍କ କାର୍ଯ୍ୟକଳାପ ସମୀକ୍ଷା କରିବାକୁ ସରକାରଙ୍କୁ ଲେଖାଯିବ ବୋଲି ଗଣମାଧ୍ୟମକୁ କହିଛନ୍ତି ସିଏମ୍‌ସି ମେୟର ସୁବାଷ ସିଂ।

## କିମ୍ସରେ 'କାହୋଟେକ୍'ର ଦଶମ ସଂସ୍କରଣ ଉଦ୍‌ଯାପିତ




ଭୁବନେଶ୍ୱରଜ, ୧୬।୧୧ ନ୍ୟୁଜ ବ୍ୟୁରୋ

କନସୋର୍ଟିୟମ୍ ଅଫ୍ ଆକ୍ରେଡିଟେଡ୍ ହେଲ୍‌ଥକେୟାର ଅର୍ଗାନାଇଜେସନ୍‌ସ (କାହୋ) ଦ୍ୱାରା ଆୟୋଜିତ ଭାରତର ପ୍ରିମିୟର ହେଲ୍‌ଥକେୟାର ଟେକ୍ନୋଲୋଜି ଇନୋଭେସନ୍ କନକ୍ଲେଭ୍–କାହୋଟେକ୍‌ର ଦଶମ ସଂସ୍କରଣ ରବିବାର କିମ୍‌ସରେ ଉଦ୍‌ଯାପିତ ହୋଇଯାଇଛି। କିମ୍‌ସ ଓ କାହୋ ମିଳିତ ଆନୁକୁଲ୍ୟରେ 'ଟେକ୍ନୋଲୋଜି ଆଣ୍ଡ ଇମ୍ପାକ୍ଟ: ସଲଭିଂ ଚ୍ୟାଲେଞ୍ଜେସ ଇନ ହେଲ୍‌ଥକେୟାର' ବିଷୟବସ୍ତୁ ଉପରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ଶିଳ୍ପ, ବୃତ୍ତିଗତ, ନବସର୍ଜନାକାରୀ, ଷ୍ଟାର୍ଟଅପ୍ ଓ ଛାତ୍ର ପ୍ରତିନିଧିମାନେ ଯୋଗ ଦେଇଥିଲେ । କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ କ୍ରମେ ଓଡ଼ିଶାରେ ପ୍ରଥମ ଥର ଲାଗି ଏହି କାର୍ଯ୍ୟକ୍ରମ କିମ୍‌ସ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଡ. ସାମନ୍ତ କହିଲେ, ବର୍ଷ ବର୍ଷ ଧରି କାହୋଟେକ୍, କାହୋର ସ୍ୱାସ୍ଥ୍ୟ ପ୍ରଯୁକ୍ତି ଫୋରମର ପ୍ରମୁଖ ପ୍ଲାଟଫର୍ମ ଭାବରେ ରହି ଆସିଛି। ଏହା ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ପ୍ରଯୁକ୍ତିବିଦ୍ୟା ଉଦ୍‌ଭାବକ, ନୀତି ନିର୍ଦ୍ଧାରକ, ଉଦ୍ୟୋଗୀ, ନିବେଶକ ଏବଂ ଶିଳ୍ପଦ୍ୟୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିପାରିଛି। ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ମଧ୍ୟରେ ଅଭିବୃଦ୍ଧି ଓ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଦିଗରେ ଏହା ସହଯୋଗ, ନବସର୍ଜନା ଓ ପ୍ରଯୁକ୍ତିବିଦ୍ୟା ଗ୍ରହଣକୁ ପ୍ରୋତ୍ସାହିତ କରିଆସୁଛି। କାହୋଟେକ୍ ୨୦୨୫ ଦୂରଦୃଷ୍ଟିପୂର୍ଣ୍ଣ ଚିନ୍ତାଧାରାର ଆଦାନପ୍ରଦାନ, ସହଯୋଗୀ ସୁଯୋଗର ଆବିଷ୍କାର ଏବଂ ପ୍ରଭାବଶାଳୀ ନବସର୍ଜନା ପାଇଁ ଏକ ଆଦର୍ଶ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ବୋଲି ଡ. ସାମନ୍ତ ଆଶା ବ୍ୟକ୍ତ କରିଥିଲେ। କାହୋର ଦଶମ ସଂସ୍କରଣ ବିଷୟରେ ସୂଚନା ଦେଇ ଏହାର ସଭାପତି ଡ. ବିଜୟ ଅଗ୍ରୱାଲ କହିଲେ ସୁରକ୍ଷିତ, ସ୍ମାର୍ଟ ଓ ଅଧିକ ସମାନ ସ୍ୱାସ୍ଥ୍ୟସେବାର ନୂତନ ଦିଗ ଉପରେ ଚିନ୍ତା କରୁଥିବା ଏକ ପ୍ଲାଟଫର୍ମ ହେଉଛି କାହୋ। ଏହାର ଲକ୍ଷ୍ୟ ହେଉଛି ସ୍ୱୀକୃତ ହସ୍ପିଟାଲଗୁଡ଼ିକୁ ସେମାନଙ୍କର ନିରନ୍ତର ଗୁଣାତ୍ମକ ଚିକିତ୍ସା ସେବାରେ ଉନ୍ନତି ଆଣିବା। ଏହା ସହ ଗୁଣାତ୍ମକ ମାନଦଣ୍ଡର ଉଦ୍ଦେଶ୍ୟ ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ବ୍ୟବଧାନକୁ ଦୂର କରିବା। ପ୍ରଥମ ଥର ପାଇଁ ଓଡ଼ିଶାରେ କାହୋ ଆରମ୍ଭ କରାଇଥିବାରୁ ସେ ଡ. ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସମ୍ମାନୀୟ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା ସୁବ୍ରତ କୁମାର ଆଚାର୍ଯ୍ୟ ଡ. ସାମନ୍ତଙ୍କ ଦୃଷ୍ଟିକୋଣକୁ ଉଦ୍ଧୃତ କରି କହିଲେ, ଡ. ଅଚ୍ୟୁତ ସାମନ୍ତ ବିଶ୍ୱାସ କରନ୍ତି, ଦାରିଦ୍ର୍ୟ ହେଉଛି ଦେଶର ବଡ଼ ସମସ୍ୟା ଏବଂ ଗୁଣାତ୍ମକ ଶିକ୍ଷା ହିଁ ଦାରିଦ୍ର୍ୟ ଦୂର କରିପାରିବ। ସେ ଦୃଷ୍ଟିରୁ କିଟ୍ ଓ କାହୋର ଦୃଷ୍ଟିକୋଣ ସମାନ ବୋଲି ସେ କହିଥିଲେ। ଚିକିତ୍ସିତ ହେଉଥିବା ଲୋକଙ୍କ ସୁରକ୍ଷା ହେଉଛି ଚିକିତ୍ସା ବିଜ୍ଞାନର ମୌଳିକ ଲକ୍ଷ୍ୟ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ପ୍ରଯୁକ୍ତିବିଦ୍ୟା ଉପରେ ଜ୍ଞାନ ରହିବା ଉଚିତ ବୋଲି ସେ କହିଥିଲେ। ଆଇଆଇଟି ନିର୍ଦ୍ଦେଶକ ଡ.ସୁମନ ଚକ୍ରବର୍ତ୍ତୀ ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ କହିଲେ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା କେବଳ ଆଜି ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ବିଶ୍ୱର ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବାର ଏକମାତ୍ର ଉପାୟ ହେବା ଉଚିତ। ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ପ୍ରଯୁକ୍ତିବିଦ୍ୟାରେ ଏଆଇର ଭୂମିକା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାର ବିଷୟ ବୋଲି ସେ କହିଥିଲେ। ଆଇଆଇଟି ଖଡ଼ଗପୁରର ଉଦାହରଣ ଦେଇ ସେ କହିଲେ, ଯେତେବେଳେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଶିକ୍ଷା ବ୍ୟବସ୍ଥା ଭାରତୀୟ ଚିକିତ୍ସା ଶିକ୍ଷା ବ୍ୟବସ୍ଥାଠାରୁ ବହୁ ଦୂରରେ ଥିଲା, ସେତେବେଳେ ଆଇଆଇଟି ଖଡ଼ଗପୁର ୨୦୦୧ ମସିହାରେ ଚିକିତ୍ସା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସ୍କୁଲ ଆରମ୍ଭ କରି ଦୂରଦୃଷ୍ଟିପୂର୍ଣ୍ଣ କାର୍ଯ୍ୟ କରିଥିଲା ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କାହୋ ସେକ୍ରେଟାରୀ ଜେନେରାଲ ଡ ଲାଲୁ ଯୋସେଫ, ଟାର୍ଣ୍ଣିକ୍ ହସ୍ପିଟାଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ଶର୍ମା, କାହୋ ଉପାଧକ୍ଷ ଡ ଶଙ୍କର ସେନଗୁପ୍ତା ଓ କିମ୍‌ସ ଅପରେସନ୍ସ ନିର୍ଦ୍ଦେଶକ ସୌମ୍ୟକାନ୍ତ ଶତ୍‌ପଥୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

## 'ଭ୍ରମାତ୍ମକ ଖବର ପ୍ରେସ୍‌ର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ'

ଭୁବନେଶ୍ୱର,୧୬/୧୧ ନ୍ୟୁଜ ବ୍ୟୁରୋ

ଗଣତନ୍ତ୍ରକୁ ସୁଦୃଢ଼ ଓ ସକ୍ରିୟ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସଠିକ ଖବର ପରିବେଷଣ ଓ ଗଠନମୂଳକ ସମାଲୋଚନା ଗଣତନ୍ତ୍ରକୁ ଋଦ୍ଧିମନ୍ତ କରିଥାଏ। ମାତ୍ର ସାମ୍ପ୍ରତିକ ଦୁନିଆରେ ଅନେକ ସମୟରେ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଖବର ଭ୍ରମାତ୍ମକ ଭାବେ ପ୍ରସାରିତ ହେଉଥିବାରୁ ପ୍ରେସ୍‌ର ବିଶ୍ୱାସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସ୍ୱୟଂ ନିୟନ୍ତ୍ରିତ ଗଣମାଧ୍ୟମ ସମାଜ ଗଠନ ସହ ଗଣତନ୍ତ୍ରର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବାର ନଜିର ରହିଛି। ତେଣୁ ଦାୟିତ୍ୱସଂପନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରତ୍ୟେକ ଖବରର ସତ୍ୟତା ଯାଞ୍ଚ କରି ଲୋକଲୋଚନକୁ ଆଣିବା ବିଧେୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର କହିଲେ ଯେ ଗଣମାଧ୍ୟମ ସର୍ବଦା ଗଣତନ୍ତ୍ରର ସୁରକ୍ଷା ଦିଗରେ ନିଜର ନୀତି ସ୍ପଷ୍ଟ କରିଆସିଛି। ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ଚଳିତ ବର୍ଷର ଶୀର୍ଷକ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଉପରେ ଆଲୋକପାତ କରି ଭ୍ରମାତ୍ମକ ତଥା ଭୁଲ ଖବରରୁ ଦୂରେଇ ରହି ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରଦାନ କରି ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ନିଜେ ନିଜର ଭୂମିକା ନିର୍ଣ୍ଣୟ କରୁ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର କହିଲେ ଯେ ଖବର ପ୍ରସାରଣ ପୂର୍ବରୁ ପ୍ରତ୍ୟେକ ତଥ୍ୟର ଗଭୀର ସମୀକ୍ଷାର ଆବଶ୍ୟକତା ରହିଛି । ଭ୍ରମାତ୍ମକ ଖବର ଗଣତନ୍ତ୍ର ଓ ସମାଜ ପ୍ରତି କ୍ଷତିକାରକ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ପୌରୋହିତ୍ୟ କରି କହିଥିଲେ ଯେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟରେ ପ୍ରତିଯୋଗୀମାନେ ସବୁବେଳେ ଗଣମାଧ୍ୟମ ଉପରେ ନିର୍ଭର କରି ଆସିଛନ୍ତି। ଗଣମାଧ୍ୟମ ତଥ୍ୟକୁ ଆଧାର କରି ସେମାନେ ଅନେକ ସ୍ତରରେ ସଫଳ ହେବା ସହ ନିଜର ଜ୍ଞାନବୃଦ୍ଧି କରିପାରିଛନ୍ତି । ତେଣୁ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମଗୁଡ଼ିକ



ଖବର ପ୍ରସାରଣ ସମୟରେ ଭ୍ରମାତ୍ମକ ଖବରଠୁ ଦୂରେଇ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ କହିଲେ ଯେ ଭୁଲ ଖବର ବେଳେବେଳେ ଉଦ୍ଦେଶ୍ୟମୂଳକ ନହୋଇଥିଲେ ମଧ୍ୟ ସମାଜ ଓ ଗଣତନ୍ତ୍ର ନିମନ୍ତେ କ୍ଷତିକାରକ ହୋଇଥାଏ। ଏଣୁ ଖବର ପ୍ରସାରଣ ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ସଚେତନ ରହିବା ନିହାତି ଆବଶ୍ୟକ। ବୈଠକରେ ବରିଷ୍ଠ ସାମ୍ବାଦିକ ପୀତବାସ ମିଶ୍ର ମଧ୍ୟ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟର ସୁଶ୍ରୀ ସିମରନ୍ ପ୍ରଥମ, ଉତ୍କଳ ବିଶ୍ୱବିଦ୍ୟାଳୟର ଶାଶ୍ୱତୀ ପ୍ରିୟଦର୍ଶିନୀ ଦ୍ୱିତୀୟ ଓ ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟର ବର୍ଷା ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ । ସେହପରି ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ସାମିନା ଟି. ଗଣ୍ଡୱା ପ୍ରଥମ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରିଷ୍ଣା ପ୍ରିୟଦର୍ଶିନୀ ହୋତା ଦ୍ୱିତୀୟ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଅର୍ଚ୍ଚିତା ଭଞ୍ଜ ତୃତୀୟ ସ୍ଥାନ ନିମନ୍ତେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଆୟୋଜିତ ସମ୍ବାଦପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବାରୁ ଶଶାଙ୍କ ଶେଖର ଦାଶ, 'ପେପରମ୍ୟାନ୍ ଇଣ୍ଡିଆ'ଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସମ୍ବାଦପତ୍ର ପ୍ରଦର୍ଶନୀକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ବହୁ ପୁରାତନ ତଥା ଦେଶ ବିଦେଶର ସମ୍ବାଦପତ୍ର ସ୍ଥାନିତ ହୋଇଛି। ଏଥିରେ ୯୩ଟି ପତ୍ରପତ୍ରିକା, ୧୭ଟି ବିଦେଶୀ ଖବରକାଗଜ, ୨୪୦ଟି ଓଡ଼ିଆ ଦୈନିକ ଓ ପୁରାତନ ଖବରକାଗଜ ସମେତ ୫୦୧ଟି ଖବରକାଗଜ ଓ ପତ୍ରପତ୍ରିକା ସ୍ଥାନିତ ହୋଇଛି । ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନଙ୍କ ସମେତ ବହୁ ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## କେନ୍ଦୁଝର ବନଖଣ୍ଡରେ ୨୦ରୁ ହେବ ବାଘ ଗଣନା : ୧୦୫ ବିଟ୍‌ରେ ଗଣନା କରିବାକୁ ପ୍ରସ୍ତୁତ ୩୦୦ କର୍ମଚାରୀ

କେନ୍ଦୁଝର,୧୬/୧୧ ନ୍ୟୁଜ ବ୍ୟୁରୋ

କେନ୍ଦୁଝର ବନଖଣ୍ଡରେ ଆସନ୍ତା ୨୦ ତାରିଖରୁ ବାଘ ଗଣନା ଆରମ୍ଭ ହେବାକୁ ଯାଉଛି। ବାଘ ସହିତ ଅନ୍ୟାନ୍ୟ ଜୀବଜନ୍ତୁ ଗଣନା ମଧ୍ୟ କରାଯିବ । କେନ୍ଦୁଝର ବନଖଣ୍ଡରେ ୧୦୫ ବିଟ୍‌ରେ ଏହି ଗଣନା ହେବାକୁ ଥିବା ବେଳେ ୩୦୦ କର୍ମଚାରୀ ବନଖଣ୍ଡ ଅଧିକାରୀ ଠାରୁ ଆରମ୍ଭ କରି ବନରକ୍ଷୀ ପର୍ଯ୍ୟନ୍ତ ସମସ୍ତେ ଗଣନାରେ ସାମିଲ ହେବେ । କେନ୍ଦୁଝର ବନଖଣ୍ଡରେ ଏବେ ୨ଟି ମହାବଳ ବାଘ ଚଳପ୍ରଚଳ କରୁଥିବାରୁ ବେଶ୍ ସତର୍କତାର ସହିତ ବାଘ ଗଣନା ପାଇଁ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ପ୍ରଥମେ ପାଦରେ ଚାଲି ଗଣନା ପରେ ଟ୍ରାପ୍ କ୍ୟାମେରାରେ ବାଘ ଗଣନା କରାଯିବ ବୋଲି ବନବିଭାଗ ପକ୍ଷରୁ ପ୍ରସ୍ତୁତି ହୋଇଛି । ୨୦ରୁ ୨୫ ନଭେମ୍ବର ପର୍ଯ୍ୟନ୍ତ ବନ ଅଧିକାରୀ ଏବଂ କର୍ମଚାରୀମାନେ ୬ ଦିନ ଧରି ୪ ଭାଗରେ ବିଭକ୍ତ ହୋଇ ପାଦଚଲା ପାଟ୍ରୋଲିଂ କରି ବାଘର ପାଦ ଚିହ୍ନ, ମଳ ସଂଗ୍ରହ କରିବେ। ଏହି ସମୟରେ ନଦୀ, ନାଳ ନିକଟରେ ବାଲି ଥିଲେ ତାହାକୁ ସମତୁଲ କରି ବାଘର ପାଦ ଚିହ୍ନ ନେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ବାଘ ରହୁଥିବା ଟେରିଟୋରୀରେ ଗଣନାକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଡିଭିଜନସ୍ତରରେ ବିଭିନ୍ନ ଉପାୟରେ ବ୍ୟାଘ୍ର ଗଣନା ପାଇଁ ଏକତ୍ରିକରଣ ଏବଂ ବିଶ୍ଳେଷଣ କରାଯିବ। ଫରେଷ୍ଟର, ଗାର୍ଡ ଏବଂ ଅନ୍ୟ ବନ କର୍ମଚାରୀମାନେ ଏମ୍‌ଷ୍ଟ୍ରିପେସ୍ ଇକୋଲିଜିକାଲ ଆପ୍ ଜରିଆରେ ସର୍ଭେ ରିପୋର୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋଡ୍ କରିବାକୁ ବନବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ କେନ୍ଦୁଝର ବନ ଖଣ୍ଡରେ କେଉଁ ପ୍ରଜାତିର କେତେ ବାଘ ଅଛନ୍ତି ତାହା ସ୍ପଷ୍ଟ ହେବ। କେନ୍ଦୁଝର ବନଖଣ୍ଡରେ ଏକ ମହାବଳ ବାଘ ଶିମିଳିପାଳ ଓ ଅନ୍ୟ ଏକ ବାଘ ଢେଙ୍କାନାଳ ପଟୁ ଆସି ଚଳପ୍ରଚଳ କରୁଛି। ବାଘର ଗତିବିଧି ପାଇଁ ସଂରକ୍ଷିତ ଜଙ୍ଗଲରେ ୭୦ଟି କ୍ୟାମେରା ଖଞ୍ଜା ଯାଇଛି । ତେବେ ଚତୁର ମହାବଳ ବାଘ କ୍ୟାମେରା ଲ୍ୟାନ୍ସରେ ଧରାପଡି ନାହିଁ। ଗତ ୨୦୨୩ ମସିହାରେ ବ୍ୟାଘ୍ର ଗଣନାରେ ଏକାଧିକ ସ୍ଥାନରେ ଏବଂ ଭିନ୍ନ ଭିନ୍ନ ପାଦଚିହ୍ନ ମିଳିଥିବାରୁ କଲରାପତରିଆ ସଂଖ୍ୟା ବଢ଼ିଥିବା ସୂଚନା ମିଳିଥିଲା। ଅଟେଇ ସଂରକ୍ଷିତ ଜଙ୍ଗଲରେ ବାଘମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଥିବାରୁ ସେମାନେ ଆକୃଷ୍ଟ ହୋଇ ଆସୁଥିବା ବନବିଭାଗ ପକ୍ଷରୁ କୁହାଯାଇଛି । ଅଟେଇ ସଂରକ୍ଷିତ ଜଙ୍ଗଲ ସହିତ ଶିମିଳିପାଳ ଓ ସାତକୋଶିଆ ଦେଇ ଯୋଗାଯୋଗ ରହିଥିବାରୁ ଆଗକୁ ଅଧିକ ବାଘ ବଂଶ ବୃଦ୍ଧି ହେବା ଆଶଙ୍କା ରହିଛି ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଡିସେମ୍ବର ମାସରେ ଟ୍ରାପ୍ କ୍ୟାମେରା ଦ୍ୱାରା ବାଘ ସହିତ ହାତୀ ଏବଂ ଅନ୍ୟାନ୍ୟ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଗଣନା କରାଯିବ। ସୂଚନାଯୋଗ୍ୟ, ଡିସେମ୍ବର ୧ ତାରିଖ ଠାରୁ ୧୫ ଜାନୁଆରୀ ମଧ୍ୟରେ ଜଙ୍ଗଲ ମଧ୍ୟରେ ଟ୍ରାପ କ୍ୟାମେରା ଏବଂ ଇଣ୍ଟେନସିଭ କ୍ୟାମେରା ଟ୍ରାପିଂ ମାଧ୍ୟମରେ ବାଘର ଗତିବିଧି ଉପରେ ନଜର ରଖାଯିବ। କ୍ୟାମେରା କେଉଁ କେଉଁ ସ୍ଥାନରେ କିପରି ଲଗାଯିବ ଏବଂ କେତେ ଉଚ୍ଚତାରେ ଲଗାଯିବ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା। ବାଘର ଗତିବିଧି ଜାଣିବା ପାଇଁ ଘଟଗାଁ, ପାଟଣା ଏବଂ ତେଲକୋଇ ବନାଞ୍ଚଳରେ କ୍ୟାମେରା ଲାଗିଛି। ଏ ସମ୍ପର୍କରେ ଏସିଏଫ୍‌ଓ ସୁଦିପ୍ତା ପଣ୍ଡାଙ୍କୁ ପଚାରିବାରୁ ମହାବଳ ବାଘ ସହିତ କଲରାପତରିଆ ବାଘ ଅଟେଇ ସଂରକ୍ଷିତ ଜଙ୍ଗଲରେ ପୂର୍ବରୁ ରହି ଆସୁଥିବାରୁ ସତର୍କତାର ସହିତ ଏବଂ ତ୍ରୁଟିବିହୀନ ବାଘ ଗଣନା ପାଇଁ ପଦକ୍ଷେପ ନିଆଯାଉଛି। ବନବିଭାଗର ସମସ୍ତ କର୍ମଚାରୀ ୧୦୫ଟି ବିଟ୍‌ରେ ଗଣନାରେ ସାମିଲ ହେବେ। ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ରହିବେ। ପ୍ରକାଶଥାଉକି ତେଲକୋଇ, ଘଟଗାଁ, ସଦର ଓ ଚମ୍ପୁଆ ବନାଞ୍ଚଳରେ ୨୦ରୁ ଅଧିକ କଲରାପତରିଆ ବାଘ ରହିଥିବା ଗତ ଗଣନା ସମୟରେ ଜଣାପଡିଥିଲା। ଏକାଧିକ ବୟସ୍କ କଲରାପତରିଆ ବାଘ ଅଟେଇ ସଂରକ୍ଷିତ, ବାରବାଙ୍କ, ଚମକପୁର, ତେଲକୋଇ ପ୍ରଭୃତି ଅଞ୍ଚଳରେ ଠାବ ହୋଇଥିଲେ। ଏବେ ବି ନିୟମିତ କଲରାପତରିଆ ବାଘ ଜଙ୍ଗଲରେ ଚଳପ୍ରଚଳ କରୁଥିବା ବନବିଭାଗ ପକ୍ଷରୁ କୁହାଯାଇଛି ।

## କ୍ଷେତରେ ପାଚିଲା ଧାନକୁ ଦେଖି କାନ୍ଦୁଛି ଚାଷୀ

କେନ୍ଦୁଝର ସଦର,୧୬/୧୧ ନ୍ୟୁଜ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅଞ୍ଚଳରେ ଧାନ ଫସଲରେ ଏକ ଅଜଣା ରୋଗ ବ୍ୟାପିବା ଫଳରେ ହଜାର ହଜାର ହେକ୍ଟର ଜମିରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଅମଳ ସମୟ ପୂର୍ବରୁ ଫସଲ ନଷ୍ଟ ହେବା ଯୋଗୁଁ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କ୍ଷେତରେ ପାଚିଲା ଧାନ ଦେଖି ଚାଷୀର ଆତ୍ମା କାନ୍ଦୁଛି। ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା ଶଙ୍କିରୀ, ବାଉରିପଦା, କାଠବାରୀ, ଗୋବର୍ଦ୍ଧନ, ହାଣ୍ଡିଭଙ୍ଗା ଏବଂ ଆଖପାଖ ଅଞ୍ଚଳରେ ଧାନ ଫସଲରେ ଏକ ନୂଆ ରୋଗର ଲକ୍ଷଣ ଦେଖାଦେଇଥିଲା। ଚାଷୀଙ୍କ କହିବାନୁଯାୟୀ, ପ୍ରଥମେ ଧାନ ଗଛର ପତ୍ର ହଳଦିଆ ପଡ଼ିଯାଉଛି ଏବଂ ପରେ ଧାନ କେଣ୍ଡାରେ ଦାନା ନ ହୋଇ ତାହା ଶୁଖିଯାଉଛି। କିଛି ଜାଗାରେ ଚକଡ଼ା ପୋକ ପରି କୀଟ ମଧ୍ୟ ବ୍ୟାପିଥିବାର ଦେଖିବାକୁ ମିଳିଛି ଯାହା ଗଛରୁ ରସ ଶୋଷି ନେଉଛି। ଉଭୟ ରୋଗ ଓ ପୋକର ମିଳିତ ଆକ୍ରମଣ ଯୋଗୁଁ ଫସଲର ବ୍ୟାପକ କ୍ଷତି ହୋଇଛି। ସ୍ଥାନୀୟ ଚାଷୀମାନେ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, 'ବର୍ଷ ସାରା କଷ୍ଟ କରି ଋଣ କରି ଧାନ ଚାଷ କରିଥିଲୁ। ଏହି ସମୟରେ ଧାନ ଅମଳ ହେବା କଥା, କିନ୍ତୁ ଏବେ ସବୁ ନଷ୍ଟ ହୋଇଗଲା। କେଉଁ ରୋଗ ଲାଗିଲା କିମ୍ବା କି ପୋକ ପଡ଼ିଲା, କିଛି ଜାଣି ହେଉନାହିଁ। ବିଭିନ୍ନ ପ୍ରକାର କୀଟନାଶକ ଓ ଫସଲ ସୁରକ୍ଷା ଔଷଧ ପ୍ରୟୋଗ କରି ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଏହି କ୍ଷତି ଭରଣା ହେବ କିପରି ? ଫସଲରେ ରୋଗ ବ୍ୟାପିବାର ଖବର ପାଇବା ପରେ ସଦର ବ୍ଲକ କୃଷି ବିଭାଗ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଚାଷୀର ନଷ୍ଟ ହୋଇଥିବା ଧାନ ଫସଲର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। କୃଷି ବିଭାଗ କହିବା ଅନୁଯାୟୀ, 'ଏହା କୌଣସି ଏକ ନିର୍ଦ୍ଦିଷ୍ଟ ରୋଗ ନୁହେଁ। ପାଗରେ ଅନିୟମିତତା, ଆବଶ୍ୟକୀୟ ଠାରୁ ଅଧିକ ବର୍ଷା ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଏଭଳି ସମସ୍ୟା ଉପୁଜିଥାଏ। ସଦର କୃଷି ଅଧିକାରୀ ସୁଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ କୁହନ୍ତି କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷେତ୍ର ପରିଦର୍ଶନ ଚାଲିଛି।

## ସରକାରୀ କୋଚିଂ ବ୍ୟବସ୍ଥାକୁ ମୁହଁ ମୋଡୁଛନ୍ତି ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୬/୧୧ ନ୍ୟୁଜ ବ୍ୟୁରୋ

ସରକାରଙ୍କ କୋଚିଂ ବ୍ୟବସ୍ଥାକୁ ମୁହଁ ମୋଡୁଛନ୍ତି ଛାତ୍ରଛାତ୍ରୀ। ଜେଇଇ, ନିଟ୍ ପରୀକ୍ଷା ସହ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୋଚିଂ ବ୍ୟବସ୍ଥା କରିଛନ୍ତି । କିନ୍ତୁ ପିଲା ଏହି କୋଚିଂ ନେବାକୁ ନାରାଜ । ଏହାର କାରଣ ସ୍ୱରୂପ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥାକୁ ଦାୟୀ କରାଯାଇଛି । ରାଜ୍ୟର ସବୁ ପ୍ରକାର ଶିକ୍ଷା ବ୍ୟବସ୍ଥା ଧୀରେ ଧୀରେ ଭୁଶୁଡି ପଡୁଥିବାରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛି ଅଭିଭାବକ ସଂଘ । ଏହା ସହିତ ଆଖି ଦୃଶିଆ ଭାବରେ କୌଣସି ପିଲା ଜେଇଇ ଓ ନିଟ୍‌ରେ କୋଚିଂ ଦ୍ୱାରା ସଫଳତା ପାଇନାହାଁନ୍ତି। ଏପରିକି ବହୁତ କମ ପିଲା ଏହି ଅନଲାଇନ କୋଚିଂରେ ଭାଗ ନେଉଛନ୍ତି । ଶିଶୁ ବାଟୀକା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷା ସବୁଠି ଏବେ ବିଫଳତାର ଗଦା ଗଦା ଅଭିଯୋଗ । ଏସବୁ ଭିତରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଆଉ ଏକ ବଡ଼ ବିପର୍ଯ୍ୟୟ ସାମ୍ନାକୁ ଆସିଛି । ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଁ କୋଚିଂର ବ୍ୟବସ୍ଥା ହୋଇଛି । ବିଜ୍ଞାନ ବିଭାଗର ପିଲାଙ୍କ ପାଇଁ ଜେଇଇ ଓ ନିଟ୍




ଭଳି କୋଚିଂର ବ୍ୟବସ୍ଥା ହୋଇଥିବା ବେଳେ ଓ କଳା ବାଣିଜ୍ୟ ପାଇଁ ଏକାଡେମିକ୍ ସପୋର୍ଟ କାର୍ଯ୍ୟକ୍ରମ ବ୍ୟବସ୍ଥା ଚାଲୁ ରହିଛି । ସେଥିରେ ଚାପ୍ଟର ୱାଇଜ୍ ପାଠପଢା, ପ୍ରୋବ୍ଲେମ, ପ୍ରିଭିଅସ ପ୍ରଶ୍ନପତ୍ରର ସାରଣୀ ହେଉଛି। କିନ୍ତୁ ଗତ କିଛି ମାସ ହେଲାଣି ଏସବୁରେ ପଢିବା ପାଇଁ ପିଲାଙ୍କ ଆଉ ଆଗ୍ରହ ନାହିଁ। ରାଜ୍ୟ ତମାମ ଅନଲାଇନ କ୍ଲାସରେ ବହୁତ କମ ମାତ୍ରାରେ ପିଲାମାନେ ଯୋଗଦାନ କରୁଛନ୍ତି। ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଳି ସବୁଠୁ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ଏହି କୋଚିଂରେ ଗୋଟିଏ ହେଲେ ବି ପିଲା ଆସୁ ନାହାନ୍ତି । ପିଲା କ୍ଲାସ ଆଟେଣ୍ଡ କରିବାକୁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି କିନ୍ତୁ ସମାନ ଶିକ୍ଷା ବାହାରେ ପଢୁଛନ୍ତି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ପାଖାପାଖି ୧୫୦-୨୦୦ ପିଲା ରେଜିଷ୍ଟ୍ରେସନ କରିଥିବା ବେଳେ କ୍ଲାସରେ ମାତ୍ର ୧୦ ଜଣ ପିଲା କ୍ଲାସ ରୁମରେ କୋଚିଂ ସମୟରେ ଯୋଗଦେଉଛନ୍ତି । ତେବେ ସକାଳ ସାଢେ ସାତରୁ ସାଢ଼େ ଦଶଟା ପର୍ଯ୍ୟନ୍ତ ନିଟ୍, ଜେଇ ପଢ଼ାଯାଉଥିଲା ଓ ଦିନ ୨ ଟାରୁ ୩ ଟା ୩୦ ଯାଏ ଅନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କ୍ଲାସ ହେଉଥିଲା। କିନ୍ତୁ ପିଲା ହେଉନଥିବା ବେଳେ କର୍ତ୍ତୃପକ୍ଷ ଅନଲାଇନ ପାଠ୍ୟକ୍ରମକୁ ଦାୟୀ କରିଛନ୍ତି । କୋଭିଡି ସମୟରେ ଅନଲାଇନ କ୍ଲାସ କରାଯାଉଥିଲା କିନ୍ତୁ ବର୍ତ୍ତମାନ ସେହି ଭଳି ସମୟ ଆଉ ନାହିଁ। ବର୍ତ୍ତମାନ ସମୟରେ ଅଫଲାଇନରେ କ୍ଲାସ କରିବା ଆବଶ୍ୟକ । ଯେଉଁଥି ପାଇଁ ମାଗଣା କୋଚିଂ ହେଲେ ମଧ୍ୟ କୌଣସି ପିଲାମାନେ ଅନଲାଇନରେ ରହୁନାହାନ୍ତି । ଯଦି ସରକାର ଅଫଲାଇନ ମାଧ୍ୟମରେ କୋଚିଂ ଦେବେ ତେବେ ଅଧିକାଂଶ ପିଲାମାନେ କ୍ଲାସରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଏହା ସହିତ ସହରରେ ଅନେକ ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନରେ କୋଚିଂ ନେଉଛନ୍ତି କିନ୍ତୁ ମାଗଣା କୋଚିଂକୁ ଆପଣାଉ ନାହାନ୍ତି ବୋଲି କହିଛନ୍ତି ବିଜେବି କଲେଜ ଅଧକ୍ଷ ରଞ୍ଜନ କୁମାର ବଳ। ଏହା ସହିତ ସେ ଆହୁରି ମଧ୍ୟ କହିଛନ୍ତି, 'ଅନଲାଇନ ପଢା ଯୋଗୁ କୋଚିଂ ବ୍ୟବସ୍ଥା ବିଫଳ ହେଉଥିବା କହିଛନ୍ତି କର୍ତ୍ତୃପକ୍ଷ । ବାହାରେ ଅନ୍ୟାନ୍ୟ ଘରୋଇ କୋଚିଂ ସେଣ୍ଟରରେ ରିଅଲ ମୋଡ଼ରେ ପିଲା ପଢୁଛନ୍ତି । କିନ୍ତୁ ଏଠି ଭର୍ଚ୍ୟୁଆଲ ମୋଡ଼ରେ ପଢୁଛନ୍ତି । ଯାହା ଫଳରେ ପିଲା ମାଗଣା ହେଲେ ମଧ୍ୟ ଏଠାରେ ପଢିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ଏବେ ଅନଲାଇନ ମାଧ୍ୟମରେ କ୍ଲାସ ୱାନ ୱେ ଟ୍ରାଫିକ ଭଳି ହେଉଛି । ଯାହା ଫଳରେ ପିଲାଙ୍କ ଡାଉଟ କ୍ଲିୟର ହେଉ ନାହିଁ। ସେଥିପାଇଁ ପିଲାମାନେ ସରକାରୀ କୋଚିଂକୁ ମୁହଁ ମୋଡୁଛନ୍ତି । ଏପରିକି ଶିକ୍ଷା ଜ୍ୟୋତି ପୋର୍ଟାଲରେ କ୍ଲାସ ଗୁଡିକର ଭିଡିଓ ଅପଲୋଡ଼ ହେଉଛି । ଏହାକୁ କିଏ ଦେଖୁଛି କି ନ ଦେଖୁଛି ଜଣାନାହିଁ ବୋଲି କହିଛନ୍ତି କର୍ତ୍ତୃପକ୍ଷ । ଏପଟେ ସ୍ମାର୍ଟ କ୍ଲାସରୁମ ଏବଂ ଇଣ୍ଟରନେଟ ସହିତ ୭୩୫ ଟି ସ୍କୁଲରେ ଅନଲାଇନ ମାଧ୍ୟମରେ ମାଗଣା କୋଚିଂ ପ୍ରଦାନ କରାଯାଉଛି। ପ୍ରତିଦିନ କ୍ଲାସ ନେଉଛନ୍ତି ବିଶେଷଜ୍ଞ ଏବଂ ପରାମର୍ଶଦାତା । ଏପରିକି ରାଜ୍ୟ ସରକାର ସରକାରୀ ହାଇସ୍କୁଲରୁ ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଅଧୀନରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ୍ କରିଥିବା ଏବଂ ଯେକୌଣସି ସରକାରୀ ସ୍କୁଲରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟର ମେଡିକାଲ ଏବଂ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ୧୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଛି । ଏନେଇ ଅଭିଭାବକ ମହାସଂଘର ଉପାଧ୍ୟକ୍ଷ ପ୍ରସନ୍ନ ବିଶୋଇ କହିଛନ୍ତି, ଯେତେବେଳେ ଗୋଟିଏ ଯୋଜନା କରିବାକୁ ଯାଉଛେ ତେବେ ସବୁବେଳେ ବାସ୍ତବତା ଦେଖିକି ଯୋଜନା କରିବା ଆବଶ୍ୟକ।

### ୨୦୨୬ ବର୍ଷ ପାଇଁ ସରକାରୀ ଛୁଟି ତାଲିକା

## ୨୯ ଛୁଟିରୁ ମାଡ଼ ଖାଇବ ୬ ଦିନ

ଭୁବନେଶ୍ୱର, ୧୨/୧୧ ନ୍ୟୁଜ ବ୍ୟୁରୋ




ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୨୦୨୬ କ୍ୟାଲେଣ୍ଡର ବର୍ଷ ପାଇଁ ପ୍ରକାଶ ପାଇଲା ତାଲିକା। ୨୦୨୬ରେ ୨୯ଟି ସରକାରୀ ଛୁଟି ରହିଛି । ଏଥିରୁ ୬ଟି ଛୁଟି ଦ୍ୱିତୀୟ ଶନିବାର ଓ ରବିବାରରେ ପଡୁଥିବାରୁ ଅଯଥାରେ ଚାଲିଯିବ। ସେହିପରି ନୂଆଖାଇ ପାଇଁ ଦୁଇ ଦିନ ଛୁଟି କରିଛନ୍ତି ସରକାର। ଏଥିସହ ୯ଟି ଇଚ୍ଛାଧୀନ ଛୁଟି ଘୋଷଣା ହୋଇଛି। ଯେଉଁଥିରୁ ସରକାରୀ କର୍ମଚାରୀ ଗୋଟିଏ ଛୁଟି ନେଇପାରିବେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସରକାରୀ ଛୁଟି ତାଲିକା ପ୍ରକାଶ କରାଯାଇଛି ।

ନୂଆଖାଇ ପାଇଁ ଆସନ୍ତା ବର୍ଷ ସେପ୍ଟେମ୍ବର ୧୫ ତାରିଖ ଓ ଏହାର ପରଦିନ (୧୬ ତାରିଖ)କୁ ମଧ୍ୟ ଛୁଟି ଘୋଷଣା କରାଯାଇଛି । ବର୍ଷର ୨୯ ଛୁଟିରୁ ୫ଦିନ ରବିବାର ଓ ଗୋଟିଏ ଦିନ ଦ୍ୱିତୀୟ ଶନିବାର ପଡୁଛି । ଫେବ୍ରୁୟାରୀ ୧୫ ତାରିଖରେ ମହା ଶିବରାତ୍ରି ଥିବା ବେଳେ ଏହି ଦିନ ରବିବାର ପଡୁଛି । ଜୁନ୍ ୧୪ରେ ପହିଲି ରଜ, ଅକ୍ଟୋବର ୧୮ରେ ମହାଷ୍ଟମୀ, ଅକ୍ଟୋବର ୨୫ରେ କୁମାର ପୂର୍ଣ୍ଣିମା ଓ ନଭେମ୍ବର ୮ରେ ଦୀପାବଳି ଆଦି ଛୁଟି ରବିବାର ଦିନ ପଡୁଛି । ସେହିପରି ଅକ୍ଟୋବର ୧୦ରେ ମହାଳୟା ଦ୍ୱିତୀୟ ଶନିବାର ପଡୁଛି। ଫଳରେ ସରକାରୀ କର୍ମଚାରୀଙ୍କ ୬ ଦିନ ଛୁଟି ନଷ୍ଟ ହେଉଛି।